## ମିଳିନି ବକେୟା; ଛତୁଆରୁ ବଞ୍ଚିତ ହେବେ ଶିଶୁ ଓ ଗର୍ଭବତୀ

**ଶେରଗଡ଼,୨୪ ।୧(ସମିସ):** ଶିଶୁ, କିଶୋରୀ ଓ ଗର୍ଭବତୀ ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ଲାଗି ରାଜ୍ୟ ସରକାର ବିଭିନ୍ନ ଏଜେନ୍ସିକୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ଏଜେନ୍ସି ମାନେ ମାସର ୨୩ ତାରିଖରେ ଛତୁଆ ପ୍ରସ୍ତୁତି କରି କିଶୋରୀ, ଗର୍ଭବତୀ, ବାଳିକା ଓ ଶିଶୁ ମାନଙ୍କୁ ମାସର ପ୍ରଥମ ସପ୍ତାହରେ ପ୍ରଦାନ କରିବା ଲାଗି ନିୟମ ରହିଛି। ଏହି ଛତୁଆରେ ଗହମ, ବୁଟ, ବାଦାମ, ଚିନି ଭଳି ସମସ୍ତ ପ୍ରକାର ସାମଗ୍ରୀକୁ ମିଶ୍ରଣ କରି ଉଚ୍ଚ ମାନର ଛତୁଆ ପ୍ରସ୍ତୁତ କରାଯାଇଥାଏ। ହେଲେ ଚଳିତ ମାସର ୨୩ ତାରିଖରେ ଛତୁଆ ମିଶ୍ରଣ ହୋଇପାରିନଥିବା ଜଣାପଡିଛି। ଫଳରେ ଆସନ୍ତା ମାସର ପ୍ରଥମ ସପ୍ତାହରେ ଛତୁଆ ପାଇବା ଅନିଶ୍ଚିତତା ମଧ୍ୟରେ ରହିଛି। ଏନେଇ ବ୍ଲକ ଶିଶୁ ବିକାଶ ଓ ମହିଳା ବିକାଶ ବିଭାଗର ଅଧିକାରୀ ମମତାଞ୍ଜଳି ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି,ବର୍ତ୍ତମାନ ଛତୁଆ ୟୁନିଟ କଥା ଜିଲ୍ଲାର ଶିଶୁ ସୁରକ୍ଷା ବିଭାଗ ବୁଝୁଛି ଏବଂ ଅତିଶୀଘ୍ର ସମସ୍ୟାର ସମାଧାନ ହୋଇ ୨୭ ତାରିଖ ଦିନ ଛତୁଆ ମିଶ୍ରଣ ହେବ ବୋଲି ପ୍ରକାଶ କରିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ

**କୋଦଳା,୨୪ ।୧(ସମିସ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ସ୍ଥିତ ଏକ୍ସ ବୋର୍ଡ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶିନି ପଟ୍ଟନାୟକ ଯୋଗ ଦେଇ ବିଦ୍ୟାଳୟ ପରିସରରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରିବା ସହ ସ୍ମାରକ ପତ୍ରିକା ଉନ୍ମୋଚନ କରିଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ୭ଟି ମହାପୁରୁଷ ପ୍ରତିମୂର୍ତ୍ତିକୁ ସାଂସଦ ଲୋକାର୍ପଣ କରିବା ସହିତ ମୁଖପତ୍ର ଶତାବ୍ଦୀ ସ୍ମାରକୀ 'ଉନ୍ମୋଚନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ନେତା ସୀତାରାମ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ଯଜ୍ଞ ନାରାୟଣ ଦାସ, ଆଲୋକ କୁମାର ଶତପଥି, ପୂର୍ବତନ ବ୍ଲକ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ସମାଜସେବୀ ଚିତ୍ରସେନ ପରିଡ଼ା, ମଣ୍ଡଳ ପ୍ରତିନିଧି ନାରାୟଣ ସୁମନ୍ତରାୟ, ଆଇନଜୀବୀ ଗୋପୀନାଥ ପଣ୍ଡା, ସମିତି ସଭ୍ୟା ପ୍ରତିନିଧି ସନ୍ତୋଷ କୁମାର ପାତ୍ର, ନାଏବ ସରପଞ୍ଚ ମଙ୍ଗଳା ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ, ଅଭିଭାବକ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବାସୁଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଧରାକୋଟ,୨୪ ।୧(ସମିସ):** ଧରାକୋଟ ବ୍ଲକର ଢ଼ଉଗାଁ ସ୍ଥିତ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ୪୫ ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବାଉତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବିଡିଓ ସଂଗ୍ରାମ କେଶରୀ ଜେନା, ସମ୍ମାନିତ ଅତିଥି ଭାବରେ ବିଇଓ ରମେଶ ଚନ୍ଦ୍ର ସାହୁ, ଏବିଇଓ ବିଭୁତି ଭୁଷଣ ପାତ୍ର, ସରପଞ୍ଚ ମନୁ ପାତ୍ର, ଏସଏମସି ସଭାପତି ଅଶ୍ୱିନୀ କୁମାର ପଢ଼ିଆରି, ବିଶିଷ୍ଟ ସମାଜସେବୀ ପଦ୍ମନାଭ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ଯୁବ ଆଇନଜୀବୀ ସଞ୍ଜୟ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳାଜ୍ଞାନ, ଚରିତ୍ର ଗଠନ, ଅଧ୍ୟବସାୟୀ ହେବାପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବନ ବିଭାଗ ପକ୍ଷରୁ ଜନସଚେତନତା ସଭା

**ଦିଗପହଣ୍ଡି,୨୪ ।୧(ସମିସ):** ଦିଗପହଣ୍ଡି ବନବିଭାଗ ପକ୍ଷରୁ ନୂଆପଡ଼ା ସେକ୍ସନ ଅଧିନ ଅଁଳାଗୁଡ଼ା ଗ୍ରାମରେ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଦିବ୍ୟରଞ୍ଜନ ସାହୁ, ଫରେଷ୍ଟର ସନ୍ତୋଷ ବିଷୋୟୀ ରତ୍ନ, କାମନା ଭୂୟାଁ ପ୍ରମୁଖ ବନ କର୍ମଚାରୀ ବୃନ୍ଦ ଯୋଗଦେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଜଙ୍ଗଲରେ ନିଆଁ ବ୍ୟାପିବା ଦ୍ୱାରା ପ୍ରାଣୀ ଜଗତ ଉପରେ ଗଭୀର ପ୍ରଭାବ ପକାଇ ଥାଏ। ନିଆଁର ପ୍ରଭାବରେ ଉପକାରୀ ବୃକ୍ଷଲତା ଧ୍ୱଂସ ପାଇଥାଏ। ଆମ ଜଙ୍ଗଲ ଆମ ସମ୍ପଦ। ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନକୁ କାର୍ଯ୍ୟକାରୀ କରିବା ସହ ଚଳିତ ବର୍ଷ ୨୦୨୬କୁ ଅଗ୍ନିମୁକ୍ତ ବର୍ଷ ଭାବେ ପାଳନ ନିମନ୍ତେ ଗ୍ରାମବାସୀ ଶପଥ କରିବାକୁ ବନ ବିଭାଗ ଅଧିକାରୀ ବୃନ୍ଦ ସଭାରେ ଉଦବୋଧନ ଦେଇଥିଲେ। ଅଗ୍ନିଶମ କର୍ମଚାରୀ ବୃନ୍ଦ, ବନ ସୁରକ୍ଷା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ପଞ୍ଚାୟତ ୱାର୍ଡ ସଭ୍ୟା ସଭ୍ୟ, ବନ କର୍ମଚାରୀ ବୃନ୍ଦ ଓ ବହୁ ସଂଖ୍ୟକ ଗ୍ରାମବାସୀ ସଭାରେ ଉପସ୍ଥିତ ଥିଲେ। ଶେଷରେ ଦାସ କାଠିଆ ନୃତ୍ୟ ଗୀତ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା।

### ସରକାରଙ୍କ ତମାଖୁ ବ୍ୟାନ୍ ପରେ ମାତିଲେ କଳାବଜାରୀ

# ଗୁଟ୍‌ଖା ଓ ସିଗାରେଟ୍ ଦର ୫ ଗୁଣା ବୃଦ୍ଧି



**ପୋଲସରା,୨୪ ।୧(ସମିସ)**

ରାଜ୍ୟ ସରକାର ଗୁଟଖା, ପାନ ମସଲା, ବିଡି, ଖଇନି ଭଳି ତମାଖୁ ଦ୍ରବ୍ୟକୁ ନିଷିଦ୍ଧ ଘୋଷଣା ପରେ ପୋଲସରା ଅଞ୍ଚଳରେ ଅହେତୁକ ଭାବେ ବଢିଚାଲିଛି ଦର। ୫ ଟଙ୍କା ବଦଳରେ ୧୫ ଟଙ୍କାରେ ଲୁଚାଛପା କିଣୁଛନ୍ତି ଗ୍ରାହକ। ଏବେ ମଧ୍ୟ ପୋଲସରା ସହରର ଅନେକ ଗୋଦାମରେ ମହଜୁଦ ଅଛି ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ଓ ପାନ ମସଲା ପ୍ୟାକେଟ। ସରକାରଙ୍କ କଟକଣା ପରେ ଆକାଶ ଛୁଆଁ ଦର ବୃଦ୍ଧି କରି କଳାବଜାରୀ ଆରମ୍ଭ କରିଦେଇଛନ୍ତି ବ୍ୟବସାୟ। ଗୋଟିଏ ପଟେ ସରକାର ସର୍ବସାଧାରଣ ସ୍ଥାନରେ ପାନ, ଗୁଟ୍‌ଖା, ସିଗାରେଟ ଓ ବିଡି ଭଳି ତମାଖୁ ଦ୍ରବ୍ୟ ବିକ୍ରି ଉପରେ ନିଷିଦ୍ଧ ଓ କଟକଣା ଜାରି କରିଥିବା ବେଳେ ପାନଦୋକାନରୁ ଏକ ପ୍ରକାର ଉଭାନ ହୋଇଯାଇଛି ଏହିସବୁ ସାମଗ୍ରୀ। କିନ୍ତୁ ଗ୍ରାହକ ଏସବୁକୁ ଖାତିର ନକରି ୩ରୁ ୪ ଗୁଣ ଚଢା ଦରରେ କିଣିବାକୁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି। ବର୍ଷ ବର୍ଷ ଧରି ସେବନ କରି ଆସୁଥିବା ଗ୍ରାହକ ଏବେ ନିଶା କବଳରୁ ମୁକ୍ତି ପାଇବେ ବା କେମିତି। ବିଭିନ୍ନ ନାମିଦାମୀ କମ୍ପାନୀର ଅତ୍ୟଧିକ କେମିକାଲ ଯୁକ୍ତ ବିଭିନ୍ନ ଫ୍ଲେଭର ପାନ ମସଲା ଓ ଆକର୍ଷଣୀୟ ବିଜ୍ଞାପନ ଯୁବପିଢ଼ିଙ୍କୁ ଏକ ପ୍ରକାର ମନ୍ତ୍ରମୁଗ୍ଧ କରି ରଖିଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ଘୋଷଣାର ଦୁଇ ଦିନ ଭିତରେ ପୋଲସରା ଓ ଏହାର ଆଖପାଖ ଅଞ୍ଚଳର ଅଧିକାଂଶ ଦୋକାନରେ ଏବେ ଆଉ ଖୋଲାଖୋଲି ବିକ୍ରି ହେଉନଥିବା ଦେଖିବାକୁ ମିଳିଛି କିନ୍ତୁ ଯାହା ଗଚ୍ଛିତ ଅଛି ତାହା ଏବେ ବ୍ୟବସାୟିଙ୍କ ପାଇଁ ଆଶୀର୍ବାଦ ସଦୃଶ ପାଲଟିଛି। ପୂର୍ବରୁ ସେମାନେ ଗୁଟଖା, ପାନ ମସଲା ବିକ୍ରି କରି ଯେତିକି ଲାଭ ପାଉଥିଲେ ଏବେ ପାଖାପାଖି ୫ ଗୁଣା ଅଧିକ ଲାଭ ପାଉଛନ୍ତି।

## ସଂଗୀତ ବିଦ୍ୟାଳୟର ପଞ୍ଚମ 'ଶୁଭାଙ୍ଗୀ' ମହୋତ୍ସବ



**କବିସୂର୍ଯ୍ୟନଗର,୨୪ ।୧(ସମିସ):** ଓଡିଶା ସଂଗୀତ ନାଟକ ଏକାଡେମୀ ଓ ହରିହର ଶାସ୍ତ୍ରୀୟ ସଂଗୀତ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କବିସୂର୍ଯ୍ୟ ବଳଦେବ ଜନ୍ମ ଜୟନ୍ତୀ ସମାରୋହ ଓ ପଞ୍ଚମ ଶୁଭାଙ୍ଗୀ ବାର୍ଷିକ ମହୋତ୍ସବ ସ୍ଥାନୀୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ମାହେଶ୍ୱରୀ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ, ଜଗନ୍ନାଥପ୍ରେମୀ ବଂଶୀଧର ନାହାକ, ମୁଖ୍ୟବକ୍ତା ଅଧ୍ୟାପକ ଲୋକନାଥ ନାୟକ, ସମ୍ମାନିତ ଅତିଥି ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ର, ସାହିତ୍ୟିକ ରାମନାଥ ମାଝୀ, ଆବାହକ ନାଟ୍ୟଗୁରୁ ନବଘନ ପରିଡ଼ା, କଳା ଶିକ୍ଷକ ତଥା ଓଡିଶୀ ନାଟ୍ୟଗୁରୁ ତଥା ସମ୍ପାଦକ ଅଭୟ ପରିଡା ମଞ୍ଚାସୀନ ଅତିଥି ଥିଲେ। ଜଗନ୍ନାଥ ଓ କବିସୂର୍ଯ୍ୟଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ, ଦୀପ ପ୍ରଜ୍ଜଳନ ପୂର୍ବକ ଶୁଭ ଉଦଘାଟନ କରିଥିଲେ ଅତିଥି। ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଓଡିଶୀ ନୃତ୍ୟ, ଦକ୍ଷଶକାଠିଆ, ଲୋକନୃତ୍ୟ, କୀର୍ତ୍ତନ ଆଦି କ୍ଷ ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ନୃତ୍ୟଗୁରୁ ଗୋକୁଳାନନ୍ଦ ପ୍ରଧାନ, ସଂଗୀତଗୁରୁ ସୁରେନ୍ଦ୍ର ସାହୁ, ବାଦ୍ୟଗୁରୁ ମାଧବ ପ୍ରଧାନ, ଭଜନ କଣ୍ଠଶିଳ୍ପୀ କୃପାସିନ୍ଧୁ ସ୍ୱାଇଁ, ସାମ୍ବାଦିକ ବାଳକୃଷ୍ଣ ପଟ୍ଟନାୟକ, ଶିକ୍ଷାବିତ ଇଂ. ଦିଲ୍ଲୀପ ଖଣ୍ଡୁଆଳ, ଶିକ୍ଷାବିତ ସ୍ୱରାଜ କୁମାର ମହାନ୍ତି ଓ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ନାଟ୍ୟ ନିର୍ଦ୍ଦେଶକ ରତ୍ନାକର ସିଓ।

## ନିତ୍ୟାନନ୍ଦ ପଣ୍ଡା ସ୍କୁଲର ବାର୍ଷିକ ଉତ୍ସବ

**ଜଗନ୍ନାଥପ୍ରସାଦ,୨୪ ।୧(ସମିସ):** ଜଗନ୍ନାଥ ପ୍ରସାଦ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନ ନିତ୍ୟାନନ୍ଦ ପଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କଲ୍ୟାଣୀ ପାଢ଼ୀଙ୍କ ସଭାପତିତ୍ୱ ଓ ପ୍ରଧାନ ଶିକ୍ଷୟତ୍ରୀ ନିବେଦିତା ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର ଯୋଗଦେଇ ଉଦଘାଟନ କରିଥିବା ବେଳେ ବିଶିଷ୍ଟ ଅତିଥି ସାଂସଦ ପ୍ରତିନିଧି ମହେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା



ଭାବେ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ନୃସିଂହ ଚରଣ ପ୍ରଧାନ, ସମିତିସଭ୍ୟ ଯୁଦ୍ଧିଷ୍ଠିର ସେଠୀ, ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ସେଠୀ, ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ନିତ୍ୟାନନ୍ଦ ପଣ୍ଡାଙ୍କ ପୁଅ ରାଘବ ପ୍ରସାଦ ପଣ୍ଡା, ବନାଞ୍ଚଳ ଅଧିକାରୀ ସୁଶ୍ରୀ ସୁଜାତା ରାଣୀ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରମାଦେବୀ ସାବତ, ପ୍ରଭାତୀ ପ୍ରଧାନ ଓ ପଦ୍ମନାଭ ବେହେରା, ସିଆରସିସି ଶଶାଙ୍କ ଶେଖର ନାୟକ, ପରିଚାଳନା କମିଟି ଅଧକ୍ଷ ସତ୍ୟନାରାୟଣ ଗୌଡ଼ ପ୍ରମୁଖ ମଞ୍ଚାସିନ ରହିଥିଲେ। ବାର୍ଷିକ ବିବରଣୀ ପଠନ ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ବେହେରା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମନୋଜ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ପିପୁଲ୍ସ କଲେଜର ଆତ୍ମସୁରକ୍ଷା ତାଲିମ ଶିବିର

**ବୁଗୁଡା,୨୪।୧(ସମିସ):** ସ୍ଥାନୀୟ ପିପୁଲ୍ସ କଲେଜରେ +୩ ଛାତ୍ରୀଙ୍କ ପାଇଁ ଆୟୋଜିତ ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରୋଗ୍ରାମ କୋର୍ଡିନେଟର ଅଧ୍ୟାପିକା ଅନୀତା ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ଡ. ପୁରୁଷୋତ୍ତମ ମିଶ୍ର ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ.ପ୍ରଦୀପ କୁମାର ଦାଶ ଓ ଆତ୍ମପ୍ରକାଶ ନାୟକ, କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଯୋଗ ଦେଇ ଅଂଶ ଗ୍ରହଣକାରୀ +୩ ଛାତ୍ରୀଙ୍କୁ ମାର୍ଗଦର୍ଶନ ସହ ଆତ୍ମରକ୍ଷା କୌଶଳ ତାଲିମ୍ ଗ୍ରହଣର ଉପାଦେୟତା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିବିରରେ ମାଷ୍ଟର ଟ୍ରେନର ପୂଜାରାଣୀ ସ୍ୱାଇଁ ପ୍ରଶିକ୍ଷିକା ଭାବେ ଯୋଗ ଦେଇ ପ୍ରଶିକ୍ଷଣ ପ୍ରଦାନର ଆରମ୍ଭ କରିଥିବା ବେଳେ ଏହା ଆସନ୍ତା ୪ ପର୍ଯ୍ୟନ୍ତ ଚାଲୁ ରହିବା ନେଇ ଜଣାଯାଇଛି।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର

**ଆସିକା,୨୪ ।୧(ସମିସ):** ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ସ୍ୱତନ୍ତ୍ର ଶୀତ କାଳୀନ ଶିବିର ଉଦଘାଟିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ଶୀତକାଳୀନ ୦୭ ଦିନିଆ ଶିବିରରେ ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ପାଳିତ ଗ୍ରାମ କିମ୍ବା ସହରାଞ୍ଚଳ ବସ୍ତିରେ ରହିବା ପାଇଁ ଡିଜାଇନ୍ କରାଯାଇଛି। ଯାହା ସମାଜସେବା, ଗ୍ରାମୀଣ ବିକାଶ ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଶୀତ ସମୟରେ ଆୟୋଜିତ ଏହି ଶିବିର ଗୁଡ଼ିକ ଶ୍ରମଦାନ (ଶ୍ରମ), ଗ୍ରାମ ସର୍ଭେ, ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସଚେତନତା ରାଲି ଭଳି କାର୍ଯ୍ୟକଳାପ ମାଧ୍ୟମରେ ସାମାଜିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ। ଶ୍ରମଦାନ ସମୟରେ ରାସ୍ତା ସଫା କରିବା, ଗ୍ରାମ ପରିସର ସଫା କରିବା, ବୃକ୍ଷରୋପଣ କରିବା ଏବଂ ଡିଜିଟାଲ୍ ସାକ୍ଷରତା, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିମଳ, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ଜଳ ସଂରକ୍ଷଣ ଭଳି ବିଷୟବସ୍ତୁ ଉପରେ ରାଲି, ପଥ ପ୍ରାନ୍ତ ନାଟକ ସ୍ୱାସ୍ଥ୍ୟ ପଦକ୍ଷେପରେ ଗ୍ରାମବାସୀଙ୍କ ପାଇଁ ସାଧାରଣ ଚିକିତ୍ସା କାର୍ଯ୍ୟକ୍ରମ ରହିଛି। ଗ୍ରାମାଞ୍ଚଳ ଚ୍ୟାଲେଞ୍ଜ ଗୁଡ଼ିକୁ ବୁଝିବା ଉପରେ ଧ୍ୟାନ କେନ୍ଦ୍ରିତ ରଖିବା ଦରକାର ବୋଲି ଅତିଥି ମାନେ ମତବ୍ୟକ୍ତ ରଖିଥିଲେ।

## ଜାତୀୟ ବାଳିକା ଦିବସ ପାଳିତ




**ଗଞ୍ଜାମ,୨୪ ।୧(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ତାରିଣୀପଲ୍ଲୀ ଗ୍ରାମର ନୀଳକଣ୍ଠେଶ୍ୱର ଶିକ୍ଷା କେନ୍ଦ୍ର ପରିସରରେ ସାମାଜିକ ଅନୁଷ୍ଠାନ "ଭିଉସ୍', "ରେଷ୍ଟଲେସ୍ ଡେଭଲପମେଣ୍ଟ "ଲୋରେଲ' ଓ ୟୁଥ୍ ଫର୍ ଭିଲେଜ୍ ପ୍ରମୁଖ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜାତୀୟ ବାଳିକା ଦିବସ ପାଳିତ ହେଇଯାଇଛି। ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେଇଥିଲା। ୟୁଥ୍ ଫର୍ ଭିଲେଜ୍ ପ୍ରତିଷ୍ଠାତା ଶ୍ରୀ ଡି ଦେବହରି ରେଡ଼ିଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଭିଉସ୍ ଅନୁଷ୍ଠାନ ପ୍ରକଳ୍ପ ମୁଖ୍ୟ ପ୍ରମିଳା ମେହେର ଓ ସମ୍ମାନିତ ଅତିଥି ଭାବେ ଦିଗ୍ ଦର୍ଶନ ଫାଉଣ୍ଡେସନ ନିର୍ଦ୍ଦେଶିକା ବିଜୟଲକ୍ଷ୍ମୀ ମହନ୍ତ୍ତଡ, ଆଶା କର୍ମୀ କୁମୁଦିନୀ ପ୍ରଧାନ, ଶିକ୍ଷାବିତ୍ ଦୀପକ କୁମାର ସାହୁ, ସିଆରପି ଆର୍ ଗୀତାଞ୍ଜଳି ରେଡ଼ି, ଲକ୍ଷ୍ମୀ ସେଠୀ ପ୍ରମୁଖ ଯୋଗ ଦେଇ ବାଳିକା ଓ ମହିଳାଙ୍କ ସମ୍ପର୍କିତ ସମସ୍ୟା ଓ ଆହ୍ୱାନ ଉପରେ ବକ୍ତବ୍ୟ ରଖିଥିଲେ। ଅନିତା ଚାନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମହାପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଅନୁଷ୍ଠାନ ବିଷୟରେ ଉଲ୍ଲେଖ କରି ଧନ୍ୟବାଦ୍ ଅର୍ପଣ କରିଥିଲେ। ଭିଉସ୍ ଅନୁଷ୍ଠାନର ବନ୍ଦନା ସାହୁ, ବର୍ଷା ପାତ୍ର, ପ୍ରିୟଙ୍କା ସାହୁ, ସଙ୍ଗୀତା ମହାରଣା, ୟୁଥ୍ ଫର୍ ଭିଲେଜ୍‌ର ବି ଦେବାଶିଷ ରେଡ଼ି, ଦୀପକ ଗୌଡ଼ ଓ ସୁନିଲ ସେଠୀ ପରିଚାଳନା କରିଥିଲେ।

## ମା'ଦକ୍ଷିଣକାଳୀ ମନ୍ଦିର ପ୍ରତିଷ୍ଠା

**ପୋଲସରା,୨୪ ।୧(ସମିସ):** ପୋଲସରା ବ୍ଲକ ମଥୁରା ଗ୍ରାମରେ ମା'ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଥୁରା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୪୦ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା ସମୟରେ ନାମ ଯଜ୍ଞ, ଅନ୍ନ ଯଜ୍ଞ, ଘୃତ ଯଜ୍ଞ, ଆଦି ଦେଖିବା ପାଇଁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଥୁରା ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ :
୦୧.୦୧.୧୯୨୦
(ଗୁରୁବାର)

ତିରୋଧାନ :
୧୫.୦୧.୨୦୨୬
(ଗୁରୁବାର)

ଁଗୁରୁବାରି ମହାନ୍ତି (୧୦୬ ବର୍ଷ)
ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟବପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

# କର୍କଟ ପୀଡ଼ିତ ସାହିଲଙ୍କ ଚିକିତ୍ସାରେ ଅର୍ଥ ବାଧକ

**ପାତ୍ରପୁର,୨୪ ।୧(ସମିସ)**



ପ୍ରତ୍ୟେକ ପିଲା ଭଲ ପାଠ ପଢ଼ି ନିଜ ଭବିଷ୍ୟତ ଗଢ଼ିବାକୁ ଚାହିଁଥାନ୍ତି। ହେଲେ ସମସ୍ତଙ୍କ ଜୀବନରେ ଏହା ସମ୍ଭବ ହୋଇ ନଥାଏ। କାହା କ୍ଷେତ୍ରରେ ଅର୍ଥ ଅଭାବ ତ ଆଉ କାହା କ୍ଷେତ୍ରରେ ପରିବାରର ପରିସ୍ଥିତି ସବୁ ସ୍ୱପ୍ନ ବିଗାଡ଼ିଦିଏ।

ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ବ୍ଲକ ପୋଲରାଜପୁର ଗ୍ରାମର କୃଷ୍ଣ ଚନ୍ଦ୍ର ସାହୁଙ୍କ ପୁଅ ସାହିଲ୍ କୁମାର ସାହୁଙ୍କ କ୍ଷେତ୍ରରେ। ୪ ମାସ ପୂର୍ବେ ସାହିଲଙ୍କୁ ବାରମ୍ବାର ଜ୍ୱର ହୋଇଥିବା ବେଳେ ପରିବାର ଲୋକେ ପ୍ରଥମେ ଘରୋଇ ମେଡିକାଲ ନେଇଥିଲେ। ପରବର୍ତ୍ତୀ ସମୟରେ ସେ ସୁସ୍ଥ ମଧ୍ୟ ହୋଇଥିଲେ। କିନ୍ତୁ ଗତ ୧୫ ଦିନ ପୂର୍ବେ ପୁଣି ସାହିଲ ଅସୁସ୍ଥ ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ଏମକେସିଜି ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ସାହିଲ ରକ୍ତକର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ଏହାଶୁଣି ପରିବାର ଲୋକଙ୍କ ପାଦତଳୁ ମାଟି ଖସିପଡ଼ିଥିଲା। ଅଭାବୀ ପରିବାର ପୁଅର ଚିକିତ୍ସା ପାଇଁ ଅର୍ଥ କେଉଁଠୁ ଆଣିବେ ତାକୁ ନେଇ ଭାଳେଣି ପଡ଼ିଥିଲା। ଅଧିକ ଚିକିତ୍ସା ପାଇଁ କଟକ ମେଡିକାଲ ସ୍ଥାନାନ୍ତରିତ କରିଥିଲେ। ସେଠାରେ ସଠିକ୍ ଚିକିତ୍ସା ପାଇ ନଥିବାରୁ ବାଧ ହୋଇ ଭୁବନେଶ୍ୱର ସ୍ଥିତ ଏମ୍ସକୁ ଚିକିତ୍ସା ପାଇଁ ଆଣିଥିଲେ। ସାହିଲଙ୍କ ବାପା ଜଣେ ଡ୍ରାଇଭର ହୋଇଥିବା ବେଳେ ସାହିଲଙ୍କ ଚିକିତ୍ସା ନିମନ୍ତେ ଅଧିକ ଅର୍ଥ ଆବଶ୍ୟକ ହେଉଛି।

ବର୍ତ୍ତମାନ ସାହିଲଙ୍କ୍ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ସାହିଲ ଆସ୍କା ସ୍ଥିତ ମହତ୍ମା ଗାନ୍ଧୀ ଆଇଟିଆଇ କଲେଜରେ ପାଠ ପଢୁଛନ୍ତି। ସେହିଭଳି ଗ୍ରାମର ଯୁବଗୋଷ୍ଠୀ ମଧ୍ୟ ସାହିଲଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ସହାୟତା ପ୍ରଦାନ ନିମନ୍ତେ ପ୍ରଶାସନ ତଥା ସରକାରଙ୍କୁ ନିବେଦନ କରିଛନ୍ତି।

# ଇଞ୍ଜିନିୟରିଂ ସ୍କୁଲ ଛକରେ ନାହିଁ ଟ୍ରାଫିକ୍ ପୋଷ୍ଟ ଓ ସିଗ୍ନାଲ



## ଗୁରୁତର ହେଉଛି ଟ୍ରାଫିକ୍ ସମସ୍ୟା

## ହନ୍ତସନ୍ତ ହେଉଛନ୍ତି ୩ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ

ବ୍ରହ୍ମପୁର, ୨୪।୧ (ସମିସ): ସହରର ଗୁରୁତ୍ୱପୂର୍ଣ୍ଣ ଛକମାନଙ୍କ ମଧ୍ୟରୁ ଇଞ୍ଜିନିୟର ସ୍କୁଲ ଛକ ଅନ୍ୟତମ। ଏଠାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଏହି ଛକ ସହିତ ୩ଟି ରାସ୍ତା ସଂଯୋଗ ରହିଛି। କିନ୍ତୁ ଏଯାବତ୍ ଏଠାରେ ଟ୍ରାଫିକ ପୋଷ୍ଟ, ସିଗ୍ନାଲ କିମ୍ବା ଟ୍ରାଫିକ ପୁଲିସଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉନାହିଁ। ପ୍ରତିଦିନ ସକାଳ ଓ ସନ୍ଧ୍ୟାବେଳେ ଏହି ଛକରେ ଅସମ୍ଭାଳ ଟ୍ରାଫିକ୍ ଜାମ୍ ଯୋଗୁ ଅଣନିଶ୍ୱାସୀ ହେଉଛନ୍ତି ଯାତ୍ରୀ।

ସେହିପରି ଏହି ଛକ ନିକଟରେ ୟୁସିପି ଇଞ୍ଜିନିୟରିଂ ସ୍କୁଲ, ସରକାରୀ ପଲିଟେକ୍ନିକ ଓ ସରକାରୀ ଆଇଟିଆଇ ଭଳି ୩ଟି ବଡ଼ ଶିକ୍ଷାନୁଷ୍ଠାନ ରହିଛି। ପ୍ରତିଦିନ ଏହି ଶିକ୍ଷାନୁଷ୍ଠାନକୁ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ଆସୁଛନ୍ତି। ଏହା ସହ ଇଞ୍ଜିନିୟରିଂ ଛକରେ ହିଁ ରାଜସ୍ୱ ଡ଼ାକ ବଙ୍ଗଳା ରହିଥିବା ବେଳେ ଏହି ଛକଦେଇ ଉକ୍ତ ବଙ୍ଗଳାକୁ ବହୁ ଗାଡ଼ି ଯିବା ଆସିବା କରିଥାଏ। ସେହିପରି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ବିଭିନ୍ନ ସମୟରେ ମେଳା ସମେତ ବହୁ କାର୍ଯ୍ୟକ୍ରମ ହେଉଛି। ଏହି ସମୟରେ ଇଞ୍ଜିନିୟରିଂ ସ୍କୁଲ ଛକଦେଇ ହଜାର ହଜାର ବ୍ୟକ୍ତି ଖେଳ ପଡ଼ିଆ ଦେଇ ଏହି କାର୍ଯ୍ୟକ୍ରମକୁ ଯିବାଆସିବା କରିଥାନ୍ତି। ଏହି ସମୟରେ ଉକ୍ତ ଛକରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣ ହୋଇଯାଏ। ଏହି ଛକ ଦେଇ ଜାତୀୟ ରାଜପଥକୁ ଆଙ୍କୁଲି ଓଭର ବ୍ରିଜ୍ ସଂଯୋଗ କରୁଛି। ଏହାସହ ଅନ୍ୟ ଛୋଟ ଗଳି ରାସ୍ତା ମଧ୍ୟ ଏହି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଛି। ଏଭଳି ଭାବେ ଏହି ରାସ୍ତା ଦେଇ ଇଞ୍ଜିନିୟରିଂ ସ୍କୁଲ ଛାତ୍ରଛାତ୍ରୀ, ସ୍କୁଲ ବସ୍, ଦୁଇଚକିଆ ଓ ଚାରିଚକିଆ ଯାନ, ଆମ୍ବୁଲାନ୍ସ ସହ ବିଭିନ୍ନ ଯାନବାହନ ଏଠାରୁ ଚଳାଚଳ କରୁଥିବାରୁ ଭିଡ଼ ଯୋଗୁ ଘଣ୍ଟା ଘଣ୍ଟା ଯାତ୍ରୀଙ୍କୁ ଫସି ରହିବାକୁ ପଡୁଥିବାବେଳେ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା କାରଣରୁ ଛୋଟବଡ଼ ଦୁର୍ଘଟଣା ହେଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଅନେକ ସମୟରେ ଯାନବାହନ ଉଭୟ ପାର୍ଶ୍ୱରୁ ଅତିକ୍ରମ ବେଳେ ଭିଡ଼ ଯୋଗୁ ଅଟକି ଯିବାରୁ ଲମ୍ବା ସମୟ ଯାତାୟାତ ବାଧାପ୍ରାପ୍ତ ହେଉଛି ଓ ଗାଡ଼ି ଗୁଡ଼ିକ ଧାଡ଼ି ଲମ୍ବି ଯାଉଛି। ଟ୍ରାଫିକ ସିଗ୍ନାଲ୍, ରୋଡ୍ ମାର୍କିଂ ଓ ସ୍ପିଡ୍ ବ୍ରେକର ନ ଥିବାରୁ ସମସ୍ୟା ଆହୁରି ଗମ୍ଭୀର ହେଉଛି। ସ୍ଥାନୀୟ ବାସିନ୍ଦା ଓ ଚାଳକମାନେ ଏଠାରେ ଶୀଘ୍ର ଟ୍ରାଫିକ ପୋଷ୍ଟ ସ୍ଥାପନ, ଟ୍ରାଫିକ କର୍ମଚାରୀ ମୁତୟନ ସହ ସିଗ୍ନାଲ୍ ବ୍ୟବସ୍ଥା କରାଯିବାକୁ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ନିଆ ନଯାଏ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବା ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ତେଣୁ ଏଥିପ୍ରତି ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ବ୍ରହ୍ମପୁର ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ବ୍ରହ୍ମପୁରରେ ଖୋସ୍‌ଲା ଇଲୋକ୍ଟ୍ରୋନିକ୍ସର ଶୁଭାରମ୍ଭ

ବ୍ରହ୍ମପୁର,୨୪।୧(ସମିସ): ବ୍ରହ୍ମପୁର ସହରରେ ପାଦ ଥାପିଛି "ଖୋସ୍‌ଲା ଇଲୋକ୍ଟ୍ରୋନିକ୍ସ'। ଏସ୍ଏନ୍‌ଟି ରୋଡ଼ ନିକଟସ୍ଥ ୱାନ-ୱେ ଟ୍ରାଫିକ ରୋଡ୍‌ରେ ଏହି "ସୋରୁମ' ଉଦ୍‌ଘାଟିତ ହୋଇଯାଇଛି। ଖୋସ୍‌ଲାର କୋଲକାତାରେ ୮୯ଟି



ସୋରୁମ ଥିବା ବେଳେ ଓଡ଼ିଶାରେ ପ୍ରଥମ କରି ବ୍ରହ୍ମପୁର ଓ ସାଲେପୁରରେ ସୋରୁମ୍ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହାକୁ ବ୍ୟାପକ କରିବାକୁ ଯୋଜନା କରାଯାଉଛି। ବାରିପଦା, ସୋର, ଭଦ୍ରକ ସମେତ ବିଭିନ୍ନ ସହରରେ ଖୋସ୍‌ଲା ଇଲୋକ୍ଟ୍ରୋନିକ୍ସର ସୋରୁମ ଖୋଲିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଖୋସ୍‌ଲାର ଓଡ଼ିଶା ମୁଖ୍ୟ ଅମିତ ମୁଖାର୍ଜୀ ଓ ପାର୍ଟନର ଉବେଶ ମହାନ୍ତି ଯୋଗଦେଇ ନୂତନ ସୋରୁମ୍‌ର ଶୁଭାରମ୍ଭ କରି କହିଛନ୍ତି ଯେ, "ଖୋସ୍‌ଲା ଇଲୋକ୍ଟ୍ରୋନିକ୍ସ' ଓଡ଼ିଶାବାସୀଙ୍କ ପ୍ରିୟଭାଜନ ହେବ। ଗ୍ରାମାଞ୍ଚଳ ସମେତ ସହରବାସୀଙ୍କୁ ମଧ୍ୟ ଏହା ଆକର୍ଷିତ କରିବ। ଏହି କମ୍ପାନୀ ବେଷ୍ଟ କଷ୍ଟମର ସର୍ଭିସ ପ୍ରଦାନ କରୁଛି। ଲୋକଙ୍କ ଚାହିଦା ଅନୁଯାୟୀ ଟିଭି, ଫ୍ରିଜ୍, ୱାସିଂମେସିନ୍, ମୋବାଇଲ ଫୋନ, ଲାପଟପ୍ ଆଦି ସମସ୍ତ ଜିନିଷ ଏଠାରେ ସୁଲଭ ଦରରେ ଉପଲବ୍ଧ ହେବ। ଯାହା ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିବ। ଏଠାରେ ସମସ୍ତ ପ୍ରକାରେ ଇଏମଆଇର ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏହା ଇଷ୍ଟର୍ଣ୍ଣ ଜୋନ୍‌ର ସର୍ବବୃହତ୍ତ କମ୍ପାନୀ ବୋଲି ଶ୍ରୀ ମୁଖାର୍ଜୀ କହିଛନ୍ତି।

# ଆଜି ଗୋପାଳପୁର ମେଗା ମାରାଥନ୍

## ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ପଦକ୍ଷେପ

ବ୍ରହ୍ମପୁର,୨୪।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବର ଅବ୍ୟବହିତ ପୂର୍ବରୁ ଅର୍ଥାତ ୨୫ ତାରିଖ ସକାଳୁ ଆରମ୍ଭ ହେବ ମେଗା ମାରାଥନ୍। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମର ସଫଳ ଆୟୋଜନ ଏବଂ ଅଂଶଗ୍ରହଣକାରୀ ଧାବକଙ୍କ ସୁରକ୍ଷା ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ ହୋଇଛି। ଗୋପାଳପୁର ଜଙ୍କସନ୍‌ରୁ ତ୍ରୁରା ଛକ, ଆର୍ମି ଏଡି କଲେଜ୍ ଛକ, ନାରାୟଣପୁର ଛକ ଏବଂ ଷଣ୍ଢଛକ ଦେଇ 'ମୋ ଗୋପାଳପୁର ସ୍କୋୟାର ପର୍ଯ୍ୟନ୍ତ, ଗୋପାଳପୁର ବେଳାଭୂମି ଦିଗକୁ ଯାଉଥିବା ଗୋଟିଏ ପାଶ୍ୱର୍ ରାସ୍ତା ସମସ୍ତ ପ୍ରକାର ମୋଟର ଯାନ ପାଇଁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ। ମୋ ଗୋପାଳପୁର ସ୍କୋୟାରରୁ ଗୋପାଳପୁର ମୁଖ୍ୟ ବେଳାଭୂମି ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱରୁ ସମସ୍ତ ପ୍ରକାର ମୋଟର ଯାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ ରହିବ। ଉପରୋକ୍ତ "ନୋ ଏଣ୍ଟ୍ରି' ଯାତାୟାତ ନିୟନ୍ତ୍ରଣ ସକାଳ ୬ରୁ ୧୧ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ମେଗା ମାରାଥନ୍‌କୁ ସଫଳ କରିବା ପାଇଁ ପ୍ରଶାସନ ଓ ଧାବକମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ସ୍ଥାନୀୟ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# କ୍ଷେତ୍ରମୋହନ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ ନେତାଜୀ ଜୟନ୍ତୀ

ବ୍ରହ୍ମପୁର,୨୪।୧(ସମିସ): ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରେ ମହାନ୍ ରାଷ୍ଟ୍ର ଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସର ସଂଯୋଜିକା ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ହୃଷୀକେଶ ପଣ୍ଡା ପୌରୋହିତ୍ୟ କରି ଛାତ୍ରଛାତ୍ରୀମାନଙ୍କୁ ନେତାଜୀଙ୍କ ତ୍ୟାଗପୂତ ଜୀବନାଦର୍ଶନରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ବିଜୟ କୁମାର ଖଟେଇ, କ୍ରୀଡାଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଅଧ୍ୟାପିକା ସଂଗୀତା ସ୍ୱାଇଁ, ସ୍ୱରୂପା ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ। ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।




# ଗଞ୍ଜାମ ଜିଲ୍ଲାସ୍ତରୀୟ କର୍ତ୍ତବ୍ୟବୋଧ ଦିବସ



ବ୍ରହ୍ମପୁର, ୨୪।୧ (ସମିସ): ସ୍ଥାନୀୟ ବ୍ରହ୍ମାନଗର ସ୍ଥିତ ଏକ ସଭାଗୃହରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ କର୍ତ୍ତବ୍ୟବୋଧ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି କୁମୁଦଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅନୀଲ କୁମାର ପ୍ରଧାନ ଓ ମୁଖ୍ୟ ବକ୍ତାଭାବ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରଚାରକ ରଶ୍ମିରଞ୍ଜନ ମହାଙ୍କୁଡ ଯୋଗଦେଇ ଦେଶର ପ୍ରତ୍ୟେକ ନାଗରିକ ନିଜର କର୍ତ୍ତବ୍ୟକୁ ବୁଝି ପାଳନକଲେ ପୂର୍ବପରି ଭାରତ ବିଶ୍ୱଗୁରୁ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ରାଷ୍ଟ୍ରପ୍ରୀତି ଏବଂ କର୍ତ୍ତବ୍ୟନିଷ୍ଠ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସମ୍ପାଦକ ସୁବୋଧ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରାନ୍ତ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ବାଜୁବନ୍ଧ ଶୈକ୍ଷିକ ମହାସଂଘର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଜିଲ୍ଲା ସହସମ୍ପାଦକ ଅଭିମନ୍ୟୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବକ୍ଷେତ୍ର ପ୍ରମୁଖ ଗୋପାଳକୃଷ୍ଣ ପାଢ଼ୀ, ପ୍ରାନ୍ତ ଉପସଭାପତି ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ପ୍ରାନ୍ତ ସହ ସମ୍ପାଦକ ନୀଳାମ୍ବର ମହାପାତ୍ର, ଜିଲ୍ଲା ଉପସଭାପତି ଏସ୍. ବିଶ୍ୱନାଥ, ବିଜୟ କୁମାର ମହାନ୍ତି ଓ ସୀମାଞ୍ଚଳ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଓଡ଼ିଶା ନାଟ୍ୟ ଦିବସ ମହୋତ୍ସବ

ବ୍ରହ୍ମପୁର, ୨୪।୧ (ସମିସ): ନିଖିଳ ଓଡିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଶା ନାଟ୍ୟ ଦିବସ ମହୋତ୍ସବ ସ୍ଥାନୀୟ ପ୍ରକାଶମ୍ ହଲ୍-ଆନ୍ଧ୍ରଭାଷା ବିବର୍ଦ୍ଧନୀ ସମାଜମ୍ ସଭା ପ୍ରକୋଷ୍ଠ ପରିସରରେ ପାଳିତ ହୋଇଯାଇଛି। ମହୋତ୍ସବର ପ୍ରଥମ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟକ ଭଗବାନ ପାତ୍ର ଓ ସାଥୀଙ୍କ ଦାସକାଠିଆ ଏବଂ ନଳବଣ୍ଟା, ନୃସିଂହନାଥ ନାଟ୍ୟ କଳା ସଂସଦ ପରିଡା ପାର୍ଟି ପ୍ରଯୋଜିତ 'ପ୍ରହ୍ଲାଦ ନାଟକ' ପରିବେଷିତ ହୋଇଥିଲା। କଳାପ୍ରାଣ କୈଳାସ ପାଣିଗ୍ରାହୀ ଏବଂ ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ସମ୍ପାଦକ ନାଟ୍ୟକାର ରମେଶ ମହାରଣା କାର୍ଯ୍ୟକ୍ରମର ଶୁଭ ଉଦଘାଟନ ସହ କଳା ଓ କଳାକାରଙ୍କ ହିତ ନେଇ ଅଙ୍ଗୀକାରବଦ୍ଧ ବୋଲି କହିଥିଲେ। ଏଥିରେ ମହେନ୍ଦ୍ର କୁମାର ସାହୁ ଏବଂ ଚନ୍ଦ୍ରଭାନୁ ନାହାକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଯାତ୍ରା କଳାକାର ମଞ୍ଚମୋହନ ରାଜେନ୍ଦ୍ର ପତି ମୁଖ୍ୟ ଅତିଥି, ନାଟ୍ୟବନ୍ଧୁ ଭରତ ଚନ୍ଦ୍ର ବେହେରା ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟକାର ଅଭୟ କୁମାର ଦାସ, ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ମୋ ଅନୁଷ୍ଠାନ ଅଧ୍ୟକ୍ଷା କୁଞ୍ଜଲତା ମାହୁନ୍ତ ପ୍ରମୁଖ ଯୋଗଦେଇ ଓଡିଶା ନାଟ୍ୟ ଦିବସ ଆମ କଳାକାର ମାନଙ୍କ ସ୍ୱାଭିମାନ ଓ ଅସ୍ମିତାର ପରିଚାୟକ ବୋଲି ମତବ୍ୟକ୍ତ କରିଥିଲେ। ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାସଂଘ କାର୍ଯ୍ୟକାରୀ ସଭାପତି ଡଃ. ବିଜୟ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ।




# ଗଞ୍ଜାମ ଜିଲ୍ଲାର ବିଭିନ୍ନ ବେଳାଭୂମି ସଫେଇ

ଛତ୍ରପୁର,୨୪।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବ ଅବସରରେ ଗଞ୍ଜାମ ଜିଲ୍ଲାରେ ୧୪ଟି ସମୁଦ୍ର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବ୍ଲକ ପକ୍ଷରୁ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ନୋଳିଆ ନୂଆଗାଁ ସ୍ଥିତ ବିଜୁ ପଟ୍ଟନାୟକ ବେଳାଭୂମି ସଫେଇ କରାଇଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସାମିଲ ହୋଇ ବେଳାଭୂମି ସଫେଇ କରିଥିଲେ। ପ୍ରତି ବେଳାଭୂମିର ଦୁଇ କିମି ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ପ୍ରଚେଷ୍ଟା ଜାରି ରହିବ। ଆଗକୁ ତାରାତାରିଣୀ, ସୋନପୁର ବେଳାଭୂମି, ଗୋପାଳପୁର ବେଳାଭୂମି ଓ ତାମ୍ପରା ଭଳି ପର୍ଯ୍ୟଟନ ସ୍ଥଳକୁ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଉଛି ବୋଲି ଜିଲ୍ଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ତହସିଲଦାର ଦିବ୍ୟା ମହାନ୍ତି, ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ଅଗସ୍ତିନୂଆଗାଁ ସରପଞ୍ଚ ପ୍ରତିନିଧି ବାପି ଦାସ, ପୋଡ଼ାପଦର ସରପଞ୍ଚ ସୁଜତା ଦାସ, ସୁନ୍ଦରପୁର ସରପଞ୍ଚ ଗଗନ ବେହେରାଙ୍କ ସମେତ ବିଭିନ୍ନ ମହିଳା ସଂଘ, ଏନ୍‌ଜିଓ, ପ୍ରତିଭା ଆବାସିକ କଲେଜ ଓ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ଛତ୍ରପୁର ଏନ୍‌ଏସି ପକ୍ଷରୁ ହରିପୁର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଏନ୍‌ଏସି ନିର୍ବାହି ଅଧିକାରୀ ପ୍ରସନ୍ନ କୁମାର ଦାଶ, ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



■ ଜିଲ୍ଲାପାଳଙ୍କ ସ୍କୁଲ ପରିଦର୍ଶନ

# 'ଯେତିକି ପଢୁଛ, ମନଦେଇ ପଢ଼'

ଛତ୍ରପୁର,୨୪।୧(ସମିସ): ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଶନିବାର ଛତ୍ରପୁର ନୋଳିଆନୂଆଗାଁ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲରେ ଲଗାଯାଇଥିବା ସ୍ମାର୍ଟବୋର୍ଡ ସଂପର୍କରେ ପଚାରି ବୁଝିବା ସହ ପାଠ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଆସନ୍ତା ମାଟ୍ରିକ ପରୀକ୍ଷାରେ ଯେପରି ଭଲ ନମ୍ବର ରଖି ଶତପ୍ରତିଶତ ପରୀକ୍ଷାଫଳ ହେବ ସେହି ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଆବଶ୍ୟକ ପଡିଲେ ଅତିରିକ୍ତ ଶିକ୍ଷାଦେବାକୁ ଉପଦେଶ ଦେଇଥିଲେ। ଏହାସହ ଜିଲ୍ଲାପାଳ ସ୍କୁଲର ବିଭିନ୍ନ ଶ୍ରେଣୀଗୃହ



ପରିଦର୍ଶନ କରିବା ସହ କ'ଣ ସବୁ ଆବଶ୍ୟକ ପଚାରି ବୁଝିଥିଲେ। ଏହି ଅବସରରେ ଜଣେ ଛାତ୍ର ଜିଲ୍ଲାପାଳଙ୍କୁ 'ଆପଣ କିପରି କଲେକ୍ଟର ହେଲେ' ବୋଲି ପଚାରିଥିଲେ। ଉତ୍ତରରେ ଭଲ ପାଠ ପଢି ୟୁପିଏସ୍‌ସିରେ କୃତକାର୍ଯ୍ୟ ହେବାକୁ ପଡ଼ିବ ବୋଲି ଜିଲ୍ଲାପାଳ କହିଥିଲେ। ଯେତିକି ପାଠ ପଢୁଛ ମନେ ଦେଇକି ପଢିବାକୁ ପଡିବ ବୋଲି ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଅଗସ୍ତିନୂଆଗାଁ ସରପଞ୍ଚ ପ୍ରତିନିଧି ବାପି ଦାସ, ପ୍ରଧାନ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବର୍ଷ ଆରମ୍ଭରୁ ଅଶାନ୍ତ ବ୍ରହ୍ମପୁର ପୁଲିସ ଜିଲ୍ଲା ଅଶାନ୍ତ

# ଦୁଇ ସପ୍ତାହରେ ଗୋଟିଏ ହତ୍ୟା, ୧୬ ହତ୍ୟା ଉଦ୍ୟମ

## ୩୦ ଚୋରି ଓ ଏକାଧିକ ଠକେଇ ମାମଲା ନେଇ ଲୋକେ ଭୟଭୀତ

ବ୍ରହ୍ମପୁର,୨୪।୧(ସମିସ): ବର୍ଷ ଆରମ୍ଭରୁ ଅଶାନ୍ତ ହୋଇପଡ଼ିଛି ବ୍ରହ୍ମପୁର ପୁଲିସ ଜିଲ୍ଲା। ନୂତନ ବର୍ଷରେ ଏକାଧିକ ସ୍ଥାନରେ ମାରପିଟ ସହ କେନୂଆଁଗାଁ ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ହୋଇଥିଲା। କେନୂଆଗାଁ ଥାନା ଅନ୍ତର୍ଗତ ଚଷାନିମଖଣ୍ଡି ପଞ୍ଚାୟତ ସନ୍ଧିବା ଗ୍ରାମରେ ସନିଆ ଗୌଡ଼(୮୪)ଙ୍କୁ ପିଟିପିଟି ହତ୍ୟା କରିଥିଲେ ଦୁଇ ଦୁର୍ବୃତ୍ତ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହିପରି ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବିଭିନ୍ନ ଥାନା ଅଞ୍ଚଳରେ ଚୋରି ଓ ଲୁଟ୍ ହେଉଥିବା ଦେଖିବାକୁ ମିଳିଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଦୁଇ ସପ୍ତାହରେ ପ୍ରାୟ ୧୪୦ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ବଡ଼ ବଜାର ଥାନା ଅଞ୍ଚଳରେ ୩ଟି ଚୋରି ମାମଲା, ୪ଟି ହତ୍ୟା ଉଦ୍ୟମ, ଗୋଟିଏ ଠକେଇ ସମେତ ଏକାଧିକ ଟ୍ରାଫିକ ନିୟମ ଉଲ୍ଲଂଘନ ମାମଲାକୁ ମିଶାଇ ମୋଟ ୨୪ଟି ମାମଲା ରୁଜୁ ହୋଇଛି। ସେହିପରି ବୈଦ୍ୟନାଥପୁର ଥାନାରେ ୮ଟି ଚୋରି ମାମଲା, ଗୋଟିଏ ଆର୍ମସ ଆକ୍ଟ ମାମଲା, ଗୋଟିଏ ବୋମାମାଡ଼ ଘଟଣା, ଗୋଟିଏ ଠକେଇ ଓ ହତ୍ୟା ଉଦ୍ୟମ ସମେତ ମୋଟ ୧୫ଟି ମାମଲା, ସାଇବର ଥାନାରେ ୬ଟି ମାମଲା ରୁଜୁ, ଦିଗପହଣ୍ଡିରେ ଗୋଟିଏ ଜୁଆ, ଗୋଟିଏ ହତ୍ୟା ଉଦ୍ୟମ, ଦୁଇଟି ଦୁର୍ଘଟଣା ସମେତ ମୋଟ ୧୪ଟି ମାମଲା, ଗୋଳନ୍ଥରା ଥାନାରେ ୫ଟି ଚୋରି, ଦୁଇଟି ଦୁର୍ଘଟଣା ସମେତ ମୋଟ ୧୫ଟି ମାମଲା, ଗୋଷାଣୀନୂଆଗାଁ ଥାନାରେ ଗୋଟିଏ ଚୋରି ଓ ହତ୍ୟା ଉଦ୍ୟମ ମାମଲା ସମେତ ମୋଟ ୯ଟି ମାମଲା, ନିମଖଣ୍ଡିରେ ୨ଟି ଚୋରି ମାମଲା ସମେତ ମୋଟ ୮ଟି ମାମଲା, ସଦର ଥାନାରେ ଗୋଟିଏ ଠକେଇ, ହତ୍ୟା ଉଦ୍ୟମ, ଦୁଇଟି ଦୁର୍ଘଟଣା ସମେତ ମୋଟ ୧୫ଟି ମାମଲା, ଟାଉନ ଥାନାରେ ଗୋଟିଏ ହତ୍ୟା ଉଦ୍ୟମ, ଚୋରି ଓ ଠକେଇ ସମେତ ମୋଟ ୧୫ଟି ମାମଲା ଜରଡ଼ ଥାନାରେ ଗୋଟିଏ ଲୁଟ୍, ଦୁଇଟି ଦୁର୍ଘଟଣା ଓ ଗୋଟିଏ ହତ୍ୟା ଉଦ୍ୟମ ମାମଲା, କେନୁଆଗାଁ ଥାନାରେ ୪ଟି ସେନ୍‌ସେଟିଭ ମାମଲା ସମେତ ମୋଟ ୫ଟି ମାମଲା ଓ ମହିଳା ଥାନାରେ ଗୋଟିଏ ଯୌତୁକ ନିର୍ଯାତନା ମାମଲା ଓ ଟ୍ରାଫିକ ଥାନାରେ ମୋଟ ୧୮ ରୁଜୁ ହୋଇଥିବା ଜଣାପଡ଼ିଛି। ବ୍ରହ୍ମପୁର ପୁଲିସ ପକ୍ଷରୁ ପେଟ୍ରୋଲିଂ ହେଉଥିଲେ ମଧ୍ୟ ଗତ ୨ସପ୍ତାହରେ ଗୋଟିଏ ହତ୍ୟା, ୧୬ଟିହତ୍ୟା ଉଦ୍ୟମ ଓ ୩୦ଟି ଚୋରି ଓ ଏକାଧିକ ଠକେଇ ମାମଲା ରୁଜୁ ହେବା ଫଳରେ ସହରରେ ନାଇଟ ପେଟ୍ରୋଲିଂ ଜୋରଦାର କରିବା ସହ ନୁଆଁ ଓ ପୁରୁଣା ଅପରାଧୀଙ୍କୁ ଥାନାକୁ ଡାକି ପୁଲିସ ଅଧିକାରୀମାନେ ଅପରାଧକ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ କହୁଥିବା ଦେଖିବାକୁ ମିଳିଛି। ନିକଟରେ ବୈଦ୍ୟନାଥପୁର ଥାନା ପୁଲିସ ନୂଆବସଷ୍ଟାଣ୍ଡ ନିକଟରୁ ସଦର ଥାନା ଅନ୍ତର୍ଗତ ନଳୀହାଡ଼ ବନ୍ଧହୁଡ଼ା ସାହିର ଭଗବାନ ବିଷୋୟୀ, ବଡ଼ ସାହିର ରଙ୍କ ଗଜେନ୍ଦ୍ର, ରୋହିଗାଁ ତୁଳସୀ ନଗରର କହ୍ନୁ ଚରଣ ଜେନା ଓ ପ୍ରଶାନ୍ତ ଗଜେନ୍ଦ୍ର ଆଦି ୪ଜଣ ଅପରାଧୀଙ୍କୁ ଗିରଫ କରିବା ସହ ଗୋଟିଏ ଦେଶୀ ବନ୍ଧୁକ ଓ ମୋଟ ୧୨ଟି ଜୀବନ୍ତ ଗୁଳି ଜବତ କରିବାରେ ସଫଳ ହୋଇଥିଲେ ହେଁ ସୁବରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ ଉପରକୁ ହୋଇଥିବା ବୋମା ମାଡ଼ ଘଟଣାରେ ପୁଲିସ ଏଯାବତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ବିଫଳ ରହିଥିବା ଜଣାପଡିଛି। ସେହିପରି ଏକାଧିକ ଚୋରି ଓ ଲୁଟ୍ ମାମଲାରେ ପୁଲିସ ସଂଗ୍ରହ କରିଥିବା ସିସିଟିଭି ଫୁଟେଜକୁ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।



### ପାଖେଇ ଆସୁଛି ଜାଗର

# ମହେନ୍ଦ୍ରଗିରିରେ ଜମୁଛି ୨ ରାଜ୍ୟର ପର୍ଯ୍ୟଟକଙ୍କ ଭିଡ଼

ରାୟଗଡ଼,୨୪।୧(ସମିସ)





ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ପ୍ରାକୃତିକ ସବୁଜିମା ଭରା ମହେନ୍ଦ୍ର ପର୍ବତମାଳାରେ ରହିଛି ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି। ପୌରାଣିକ ଓ ଭୌଗଳିକ ଦୃଷ୍ଟିରୁ ଅନ୍ୟ ଶୈବ ପୀଠ ଠାରୁ ଭିନ୍ନ ଏହି ସ୍ଥାନ ଓଡ଼ିଶା ଓ ଆନ୍ଧ୍ରର ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ। ସମୁଦ୍ର ପତନ ଠାରୁ ୧୫୦୦ ମିଟର ଉଚ୍ଚରେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ରହିଛି ମହେନ୍ଦ୍ରଗିରି। ଓଡ଼ିଶାର ଦ୍ୱିତୀୟ ଉଚ୍ଚତମ ଏହି ପାହାଡ ମହାଭାରତ ଯୁଗ ସହ ଜଡିତ ରହିଛି। ପ୍ରତିବର୍ଷ ଶିବରାତ୍ରରେ ହଜାର ହଜାର ଶ୍ରଦ୍ଧାଳୁ ମହେନ୍ଦ୍ରଗିରି ଶୈବ ପୀଠ ଜମା ହୋଇ ପାଳନ କରିଥାନ୍ତି। ଏଠାକୁ ଦିନକ ପୂର୍ବରୁ ଜିଲ୍ଲା ତଥା ଜିଲ୍ଲା ବାହାରରୁ ଶ୍ରଦ୍ଧାଳୁ ମହେନ୍ଦ୍ରଶିଖର ଯିବାକୁ ଯାତ୍ରା ଆରମ୍ଭ କରିଥାନ୍ତି। ମହାଶିବରାତ୍ରିରେ ଠାକୁର ଦର୍ଶନ ସହ ସୂର୍ଯ୍ୟୋଦୟ ଦେଖିବା ପାଇଁ ଯାଇଥାନ୍ତି। ମହେନ୍ଦ୍ରଗିରିରେ ହଜାର ହଜାର ଭକ୍ତ ମହାଶିବରାତ୍ରିରେ ପୂର୍ବ ରାତିରୁ ହିଁ ଆସି ଆସ୍ଥାନ ଜମାଇଥାନ୍ତି।

କଥିତ ଅଛି ଯେ, ସତ୍ୟଯୁଗରେ ଭାଗବାନ ମହାଦେବ ଗୋହତ୍ୟା ଦୋଷରୁ ମୁକ୍ତି ପାଇଁ ଏହି ପର୍ବତରେ ତପସ୍ୟା କରି ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରତିଷ୍ଠା କରିଥିଲେ। ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଏଠାରେ ବନବାସ କରି ନୀଳମାଧବଙ୍କ ପୂଜା କରିଥିବା ବେଳେ ତ୍ରେତୟା ଯୁଗରେ ଭଗବାନ ପର୍ଶୁରାମଙ୍କ ଏହା ଥିଲା ତପସ୍ଥଳୀ। ହନୁମାନ ଏହି ପାହାଡ଼ରୁ ହିଁ ଲଙ୍କାକୁ ଯିବା ପାଇଁ ଆକାଶ ମାର୍ଗରେ ଲମ୍ଫ ପ୍ରଦାନ କରିଥିବା ପୁରାଣ କହେ। ଏଠାରେ ପଞ୍ଚୁପାଣ୍ଡବ ଓ କୁନ୍ତିଙ୍କ ନାମରେ ନାମିତ ୬ ମନ୍ଦିର ରହିଛି। ଶିବଲିଙ୍ଗ ମହେନ୍ଦ୍ରଶ୍ୱର, ଭୀମେଶ୍ୱର, ଚନ୍ଦ୍ରେଶ୍ୱର, ଧର୍ମରାଜେଶ୍ୱର, ଅର୍ଜୁନେଶ୍ୱର, ନକୁଳେଶ୍ୱର, ସହଦେବଶ୍ୱର, କୁବେରଶ୍ୱର ଓ ବ୍ରହ୍ମେଶ୍ୱର ନାମରେ ପୂଜିତ। ଏହି ସ୍ଥାନରୁ ପ୍ରବାହିତ ହେଉଛି ମହେନ୍ଦ୍ରତନୟା ନଦୀ। ଏଠାରେ ଥିବା ଭୀମ ମନ୍ଦିର ୧୯ ପଥରରେ ନିର୍ମିତ। କୁହଯାଏ ପଞ୍ଚୁପାଣ୍ଡବ ଗୋଟିଏ ରାତିରେ ଏକତ୍ର ହୋଇ ମନ୍ଦିର ନିର୍ମାଣ କରୁଥିବା ବେଳେ ସୂର୍ଯ୍ୟୋଦୟ ହୋଇଯାଇଥିବାରୁ ତାହା ଅସମ୍ପୂର୍ଣ୍ଣ ରହିଗଲା ଓ ରାଗରେ ଭୀମ ଏକ ଗୋଇଠା ମାରିବାରୁ ପଥରରେ ସୃଷ୍ଟି ହୋଇଥିଲା ଫାଟ। ଭକ୍ତମାନେ ପୂର୍ବ ଦିଗରୁ ସେହି ପଥର ଫାଟରେ ଅନାୟସରେ ପ୍ରବେଶ କରି ଦର୍ଶନ ସାରି ପଶ୍ଚିମ ଦିଗରେ ବାହାରିଥାନ୍ତି। ସୂର୍ଯ୍ୟୋଦୟ ଦର୍ଶନ କରିବା ପରେ ଭୀମ ଗୁମ୍ଫାରେ ଥିବା ଫାଟରେ ଗଳିଲେ କୋଟି ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଏଠାକୁ ଯିବାକୁ ହେଲେ କଇଁପୁର ଠାରୁ ବୁରଖତ ଯିବାକୁ ପ୍ରାୟ ସାତ କିମି ରାସ୍ତା ହୋଇଛି। ସେଠାରୁ ମହେନ୍ଦ୍ରଗିରି ପାହାଡ଼ ଯିବାକୁ ହେଲେ ପ୍ରାୟ ୬ କିମି ରାସ୍ତା ଦେଇଯିବାକୁ ପଡ଼େ। ପ୍ରଶାସନ ତରଫରୁ ପାନୀୟ ଜଳ ବ୍ୟବସ୍ଥାଠାରୁ ଆରମ୍ଭ କରି ଆଲୋକୀକରଣ, ଆନୁସାଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ଦେଶର ଅନେକ ଆଧାତ୍ମିକ କ୍ଷେତ୍ର ମଧ୍ୟରେ ମହେନ୍ଦ୍ରଗିରିର ଏକ ନିଆରା ସ୍ଥାନ ରହିଛି। ବେଦ ଓ ପୁରାଣରେ ମଧ୍ୟ ବର୍ଣ୍ଣିତ ରହିଛି ମହେନ୍ଦ୍ରଗିରିର ଇତିହାସ। ଏଠି ଆଜି ମଧ୍ୟ ଭଗବାନ ପର୍ଶୁରାମ ଜୀବିତ ରହି ତପସ୍ୟାରତ ଥିବା ଅନେକ ମତ ଦିଅନ୍ତି। ଗୋଟିଏ ଦିନରେ ଛଅଟି ଋତୁର ଅନୁଭବ ହେଉଥିବା ବିରଳ ପରିବେଶ ମଧ୍ୟ ଏଠାରେ ପ୍ରକୃତିକୁ ଉପଭୋଗ କରିହୁଏ। ମହେନ୍ଦ୍ରତନୟା ନଦୀରେ ଜଗନ୍ନାଥଙ୍କ ମୂର୍ତ୍ତି ଭାସିଯାଇ ଶ୍ରୀକ୍ଷେତ୍ର ପୁରୀ ସ୍ୱର୍ଗଦ୍ୱାରରେ ଠାବ ହୋଇଥିଲା। ଏହା ଆଦି ହିମାଳୟ। ହିମାଳୟରସାଧୁ ଖୋଜୁଛନ୍ତି ମହେନ୍ଦ୍ରକୁ। ଏଠି ଦୀର୍ଘ ୧୫ ବର୍ଷ ହେବ ପ୍ରତ୍ୟେକ ଦିନ ଯଜ୍ଞ ଓ ରୁଦ୍ରାଭିଷେକ ହେଉଛି। କଥାରେ ଅଛି, ବାର୍ ବାର୍ ପୁରୀ ଏକ ବାର୍ ମହେନ୍ଦ୍ରଗିରି।

## ବଜାର, ହାଟରେ ଦେଖିବାକୁ ମିଳୁନି ଫୁଲ ଛାଞ୍ଚୁଣି

### ପ୍ରୋତ୍ସାହନ ଅପେକ୍ଷାରେ ଫୁଲଝାଡୁ ଚାଷୀ



ଗୁମ୍ମା,୨୪।୧(ସମିସ): ପ୍ରତିଟି ଘରେ ଦେଖିବାକୁ ମିଳେ ଝାଡୁ। ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ଝାଡୁର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ଘରେ ଝାଡୁ ନିହାତି ଜରୁରୀ। ଝାଡୁ ବିଭିନ୍ନ ପ୍ରକାର ଯଥା ନଡ଼ିଆ ଡାଳର ଖଡ଼ିକା ଝାଡୁ, ଖଜୁରୀ ପତ୍ର ଝାଡୁ, ଶୁଖିଲା ଡାଳର ଦାଣ୍ଡ ବାଡ଼ି ପହଁରା ଝାଡୁ ଓ ମୁଖ୍ୟ ଘରର ଫୁଲ ଝାଡୁ। ଗଜପତି ଜିଲ୍ଲାର ସୁନ୍ଦରତମ ତଥା ପ୍ରାକୃତିକ ନୈସର୍ଗିକ ଭରା ଗୁମ୍ମା ବ୍ଲକର ଗୁମ୍ମା ହାଟରେ ମିଳେ ଭଲ ମାନର ଫୁଲ ଝାଡୁ। ଏହାକୁ ସ୍ଥାନୀୟ ବାସିନ୍ଦା ଫୁଲ ଛାଞ୍ଚୁଣି କହନ୍ତି। ଅନ୍ୟ ଝାଡୁ ତୁଳନାରେ ଏହି ଝାଡୁ ଆକାରରେ ସୁନ୍ଦର। ଝାଡୁ ବନ୍ଧା ଭାରି ନିଆରା। ପ୍ରାଚୀନ କାଳରୁ ସ୍ଥାନୀୟ ଆଦିବାସୀଙ୍କ ଏହା ରୋଜଗାର ପନ୍ଥା ରହିଆସିଛି। ଗୁମ୍ମା ବ୍ଲକର ଅଜୟଗଡ଼, ନାମନଗଡ଼, ସେରଙ୍ଗ, କୁଜାସିଂ ଓ ଗୁମ୍ମା ପଞ୍ଚାୟତରେ ପ୍ରତି ବର୍ଷ ହଜାର ହଜାର ଝାଡୁ ତିଆରି ଏବଂ ବିକ୍ରି ହେଉଥିଲା। ସ୍ୱଳ୍ପ ଦର ଏବଂ ଅଧିକ ପରିଶ୍ରମ ଯୋଗୁ ଅନେକ ଚାଷୀ ଝାଡୁ ପ୍ରସ୍ତୁତିରୁ ଏବେ ଦୂରେଇ ଯାଇଛନ୍ତି। ଏହି କାରଣରୁ ଫୁଲ ଝାଡୁ ସ୍ଥାନୀୟ ବଜାର କିମ୍ବା ସପ୍ତାହିକ ହାଟରେ ବହୁତ କମ ଦେଖିବାକୁ ମିଳୁଛି। ଝାଡୁ ଚାଷ ଓ ଝାଡୁ ବନ୍ଧା ପ୍ରତି ଜନ ସଚେତନତା ଆବଶ୍ୟକ ରହିବା ସହ ଏଥି ନିମନ୍ତେ ନିଶ୍ଚିତ ସରକାରୀ ପ୍ରୋତ୍ସାହନ ତଥା ବଜାରୀକରଣ କଲେ ଅନେକ ଝାଡୁ ଚାଷୀ ଲାଭବାନ ହେବା ସହିତ ଜୀବିକା ନିର୍ବାହ କରିପାରିବେ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି।

## ହଡ଼ପ ହେଉଛି ବିଦ୍ୟାଳୟକୁ ଆସୁଥିବା ବାର୍ଷିକ ଅନୁଦାନ




- ମିଥ୍ୟା ବିଲ୍ କରି ମାରିନେଉଛନ୍ତି ଶିକ୍ଷକ
- ଅଧିକାଂଶ ବିଦ୍ୟାଳୟରେ ନାହିଁ ଖେଳ ସାମଗ୍ରୀ ଓ ଅନୁସଙ୍ଗିକ ସରଞ୍ଜାମ

ଫିରିଙ୍ଗିଆ,୨୪।୧(ସମିସ): ସରକାର ଶିକ୍ଷାର ବିକାଶ ପାଇଁ ପାଠ୍ୟପୁସ୍ତକ ସହ ମଧ୍ୟାହ୍ନଭୋଜନ, କୌଶଳ ଶିକ୍ଷା, କ୍ରୀଡ଼ା, ଇକୋ କ୍ଲବ, ବିଦ୍ୟାଳୟର ବିଭିନ୍ନ ଅନୁଷଙ୍ଗିକ ଉନ୍ନତୀ ପାଇଁ ପ୍ରତ୍ୟେକ ବର୍ଷ ଅନୁଦାନ ଦେଉଛନ୍ତି। ଆସୁଥିବା ଅନୁଦାନ କିଛି ବିଦ୍ୟାଳୟକୁ ଛାଡ଼ିଦେଲେ ବିଭିନ୍ନ ବିଦ୍ୟାଳୟରେ ଠିକ୍ ଭାବରେ ବିନିଯୋଗ ହେଉ ନଥିବା ଅଭିଯୋଗ ହେଉଛି। କିଛି ଲାଭଖୋର ଶିକ୍ଷକଙ୍କ ଦ୍ୱାରା କେବଳ ବିଲ୍ ଭାଉଚର କରି ଟଙ୍କା ମାରିନେଉଛନ୍ତି। ଯାହାପାଇଁ ଏହି ଅନୁଦାନ ଆସୁଛି ସେହି ଛାତ୍ରଛାତ୍ରୀ କୌଣସି ସୁବିଧା ପାଇ ପାରୁନାହାନ୍ତି। ବାରମ୍ବାର ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ବିଦ୍ୟାଳୟ ତରଫରୁ ଅଭିଭାବକଙ୍କ ଦ୍ୱାରା ଏହାର ତଦନ୍ତ କରିବାକୁ ଦାବି କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଜାଣିଶୁଣି ସଲାସୁତୁରା କରି ଦୁର୍ନୀତିଗ୍ରସ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି। କିଛି ବିଦ୍ୟାଳୟରେ ଶିକ୍ଷକ ଏବଂ କର୍ମଚାରୀ ମିଶି ନିମ୍ନମାନର କ୍ରୀଡ଼ା ସରଞ୍ଜାମ ସହ ବିଭିନ୍ନ ବିଦ୍ୟାଳୟ ଉପକରଣ ଯୋଗାଉଥିବା ଅଭିଯୋଗ ମଧ୍ୟ ହେଉଛି।

ସୂଚନା ଅନୁସାରେ, ବିଦ୍ୟାଳୟକୁ ଆସୁଥିବା ଅନୁଦାନ ମଧ୍ୟରେ ଉଚ୍ଚ ବିଦ୍ୟାଳୟକୁ କ୍ରୀଡ଼ା ସାମଗ୍ରୀ ପାଇଁ ୨୫ ହଜାର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୦ ହଜାର, ପ୍ରାଥମିକ ବିଦ୍ୟାଳୟ ୫ ହଜାର ଏବଂ ସେହିଭଳି ଆମ ସଂସ୍କୃତି ଏବଂ ଆମ ଖେଳନା ପାଇଁ ଉଚ୍ଚ ବିଦ୍ୟାଳୟକୁ ୧୦ ହଜାର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୦ ହଜାର, ପ୍ରାଥମିକ ବିଦ୍ୟାଳୟକୁ ୫ ହଜାର, ଇକୋ କ୍ଲବ ପାଇଁ ଉଚ୍ଚ ବିଦ୍ୟାଳୟ ୧୦ ହଜାର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୦ ହଜାର ଓ ପ୍ରାଥମିକ ବିଦ୍ୟାଳୟକୁ ୫ ହଜାର ଓ ଅନ୍ୟାନ୍ୟ ଅନୁସଙ୍ଗିକ ଖର୍ଚ୍ଚ ପାଇଁ ଉଚ୍ଚ ବିଦ୍ୟାଳୟକୁ ୭୫ ହଜାର ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୫ ହଜାର ଓ ପ୍ରାଥମିକ ବିଦ୍ୟାଳୟକୁ ବାର୍ଷିକ ୨୫ ହଜାର ଅନୁଦାନ ସରକାରଙ୍କ ତରଫରୁ ପ୍ରତ୍ୟେକ ବିଦ୍ୟାଳୟକୁ ୭୫ ହଜାରରୁ ଏକ ଲକ୍ଷରୁ ଅଧିକ ଟଙ୍କା ଅନୁଦାନ ଦିଆଯାଉଛି। ଫିରିଙ୍ଗିଆ ବ୍ଲକରେ ୨୪ ଉଚ୍ଚ ବିଦ୍ୟାଳୟ ରହିଛି। ସେହିପରି ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ମିଶି ୧୯୮ ବିଦ୍ୟାଳୟ ରହିଛି। ଏହି ସବୁ ବିଦ୍ୟାଳୟ ମଧ୍ୟରୁ ଶହେରୁ ଅଧିକ ବିଦ୍ୟାଳୟରେ ଏଭଳି ସମସ୍ୟା ରହିଛି। ସରକାରଙ୍କ ତରଫରୁ ଆସୁଥିବା ବିଭିନ୍ନ ଅନୁଦାନ ବିଦ୍ୟାଳୟରେ ଅସାଧୁ ଶିକ୍ଷକଙ୍କ ପାଇଁ ଠିକ ଭାବରେ ଲାଗିପାରୁନଥିବାରୁ ବର୍ତ୍ତମାନ ବିଦ୍ୟାଳୟରେ କୌଣସି ସରଞ୍ଜାମ ନଥିବା ବେଳେ ଶିକ୍ଷକମାନେ କେବଳ ବିଲ୍ ଭାଉଚରରେ ଖେଳ ସାମଗ୍ରୀ ହେଉ କି ଅନ୍ୟାନ୍ୟ ସାମଗ୍ରୀ କିଣି ଟଙ୍କା ଆତ୍ମସାତ କରୁଥିବା ଜଣାପଡିଛି। ଏମିତି କିଛି ବିଦ୍ୟାଳୟ ରହିଛି ଯେଉଁ ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ ସାଧାରଣ ଭାବରେ ଚୌକି ଟେବୁଲ ବି ନଥିବା ବେଳେ ବିଦ୍ୟାଳୟର କାନ୍ଥରେ ଚୂନ କି କଲର ମଧ୍ୟ ଦୀର୍ଘ ବର୍ଷରୁ ଲାଗି ପାରିନାହିଁ। ଏହାକୁ ଗୁରତ୍ୱ ଦେଇ ପ୍ରତ୍ୟେକ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନ ଅର୍ଥ ଖର୍ଚ୍ଚର ବିଲ୍ ଓ ବିଦ୍ୟାଳୟରେ ସରଞ୍ଜାମକୁ ନେଇ ତଦନ୍ତ କରିବା ସହ ଠକ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଅନୁଦାନ ଖର୍ଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ଦ୍ୱାରା ହୋଇଥାଏ। କୌଣସି ବିଦ୍ୟାଳୟରେ ଯଦି ଏଭଳି ଅଭିଯୋଗ ହୋଇଛି ତେବେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଚମକିଲା ଅଲାରସାହି ସରକାରୀ ବିଦ୍ୟାଳୟ

## ସ୍ୱଚ୍ଛ ଓ ହରିତ୍ ବିଦ୍ୟାଳୟ ରେଟିଂରେ ୫-ଷ୍ଟାର୍



ଟିକାବାଲି,୨୪।୧(ସମିସ): ଶିକ୍ଷା ସହିତ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପାଇଁ ଏକ ବଡ଼ ସଫଳତା ଆଣିଛି ଟିକାବାଲି ନିକଟସ୍ଥ ଚକାପାଦ ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ବାହାଡ଼ାସାହି ପଞ୍ଚାୟତର ଅଲାରସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଜାତୀୟସ୍ତରୀୟ ସ୍ୱଚ୍ଛ ଓ ହରିତ୍ ବିଦ୍ୟାଳୟ ରେଟିଂ ପୁରସ୍କାର ପାଇଁ ରାଜ୍ୟ ଚୟନ କମିଟି ଦ୍ୱାରା ମନୋନୀତ ହୋଇଛି ଏହି ବିଦ୍ୟାଳୟ। ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୩୮ ବିଦ୍ୟାଳୟ ଦୌଡ଼ରେ ଥିବାବେଳେ, ସେଥିମଧ୍ୟରୁ ମାତ୍ର ୨୦ ଶ୍ରେଷ୍ଠ ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ସୁପାରିସ କରାଯାଇଛି। ଅଲାରସାହି ବିଦ୍ୟାଳୟ ୯୬.୮୦ ପଏଣ୍ଟ ହାସଲ କରି ସର୍ବୋଚ୍ଚ ୫-ଷ୍ଟାର୍ (ଗ୍ରୀନ୍) ରେଟିଂ ପାଇବାର ଗୌରବ ଅର୍ଜନ କରିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୨୦୨୫-୨୬ ରେ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥା ବିଦ୍ୟାଳୟର ପରିମଳ ଓ ପରିବେଶ ଅନୁକୂଳ କାର୍ଯ୍ୟକଳାପକୁ ମୂଲ୍ୟାଙ୍କନ କରିଥାଏ। ଏହା ଏକ ୬୦ ଅଙ୍କ ସୂଚକାଙ୍କ ମୂଳକ ସର୍ଭେ ଉପରେ ଆଧାରିତ। ବିଦ୍ୟାଳୟଗୁଡ଼ିକର ପାଣି ସୁବିଧା, ସ୍ୱଚ୍ଛ ଶୌଚାଳୟ, ହାତ ଧୋଇବା ଅଭ୍ୟାସ, ରକ୍ଷଣାବେକ୍ଷଣ, ପରିବେଶ ସଚେତନତା ଏବଂ ସରକାରଙ୍କ ମିଶନ ଲାଇଫ କାର୍ଯ୍ୟକ୍ରମରେ ଯୋଗଦାନକୁ ଆଧାର କରି ଏହି ରେଟିଂ ଦିଆଯାଇଥାଏ। ୯୦ ରୁ ୧୦୦ ପ୍ରତିଶତ ସ୍କୋର ରଖିଥିବା ବିଦ୍ୟାଳୟକୁ ୫-ଷ୍ଟାର୍ ବା ଗ୍ରୀନ୍ ରେଟିଂ ପ୍ରଦାନ କରାଯାଏ, ଯାହା ଅଲାରସାହି ବିଦ୍ୟାଳୟ ହାସଲ କରିଛି। ବିଦ୍ୟାଳୟର ସୂଚନା ଅନୁଯାୟୀ, କ୍ୟାମ୍ପସ ମଧ୍ୟରେ ସ୍ୱଚ୍ଛ ଶୌଚାଳୟ, ପିଇବା ପାଣିର ଉତ୍ତମ ବ୍ୟବସ୍ଥା ଏବଂ ପ୍ରତିଦିନ ପିଲାଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ଚାରାରୋପଣ ଓ ବର୍ଜ୍ୟବସ୍ତୁ ପରିଚାଳନା ପରି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ଯୋଗଦାନ ଏହି ଜାତୀୟ ସ୍ତରୀୟ ମୂଲ୍ୟାଙ୍କନରେ ସହାୟକ ହୋଇଛି। ଏହି ଖବର ପ୍ରଚାରିତ ପରେ ଚକାପାଦ ବ୍ଲକ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ଖୁସିର ଲହର ଖେଳିଯାଇଛି। ସ୍ଥାନୀୟ ଜନପ୍ରତିନିଧି, ଶିକ୍ଷା ବିଭାଗର ଅଧିକାରୀ ଏବଂ ଗ୍ରାମବାସୀମାନେ ବିଦ୍ୟାଳୟର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଜାତୀୟ ବାଳିକା ଦିବସ ପାଳିତ

ପାରଳାଖେମୁଣ୍ଡି,୨୪।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦରମହକୁମା ଗୋଷାଣିରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ସିଦ୍ଧେଶ୍ୱରୀ ମହାପାତ୍ର ଅଧ୍ୟକ୍ଷତା କରି ବାଳିକାଙ୍କୁ ଉତ୍ତମ ସଂସ୍କାର, ସଂଯମତା ରହିବା, ମାନସିକ ଦକ୍ଷତାକୁ ସକରାତ୍ମକ ରଖିବା, ମୁଖ୍ୟତଃ ନିଜେ ନିଜକୁ ସୁରକ୍ଷା ରଖିବା ଲାଗି ବାଳିକାଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶତାଧିକ ବାଳିକା ସଚେତନତା ରାଲିରେ ଗୋଷାଣି ଗ୍ରାମ ପରିକ୍ରମା କରି ଶିଶୁକନ୍ୟା ସୁରକ୍ଷା, ପାଠପଢା ଆଦି ସ୍ଲୋଗାନ ମାଧ୍ୟମରେ ସଚେତନତା କରାଇଥିଲେ। ୱାର୍ଡେନର ବିଜୟଲକ୍ଷ୍ମୀ ବିଶ୍ୱାସରାୟ, ଆକାଉଣ୍ଟାଣ୍ଟ ଶିବାନୀ ରାଣୀ ନାୟକ, ଲକ୍ଷ୍ମୀ କୁମାରୀ ଓ ଦୁଷ୍ମନ୍ତ କୁମାର ସାମଲ ପରିଚାଳନାରେ ସହଯୋଗ କରିଥିଲେ।

### ● ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର




ଟିକାବାଲି,୨୪।୧(ସମିସ): ଟିକାବାଲି ବ୍ଲକ ଗୁଟିଙ୍ଗିଆ ସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବିଭାଗ ପକ୍ଷରୁ ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଆର୍ଗାଡ଼ି ଗ୍ରାମରେ ଶନିବାର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ବାଦଲ କୁମାର ପାଲଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ହୃଦୟ କୁମାର ପ୍ରଧାନ ଏବଂ ଗୁଟିଙ୍ଗିଆ କ୍ଲଷ୍ଟର ସିଆରସିସି ମୁରଲୀଧର ପୋଲାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌କାର୍ଯ୍ୟକ୍ରମଅଧିକାରୀଶ୍ରବଣକୁମାରଗୌଡ଼ଙ୍କତତ୍ତ୍ୱବଧାନରେବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ସିପ୍ଲା ରାଓ, ପୁଷ୍ପଲତା ସାହୁ, ସରିତା ସାହୁ, ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରଦୀପ ପ୍ରଧାନ ଓ କାମାକ୍ଷା ପ୍ରସାଦ ପ୍ରଧାନ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।

## ଲକ୍ଷ୍ମୀନୃସିଂହ ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ



ନୂଆଗଡ଼,୨୪।୧(ସମିସ): ନୂଆଗଡ଼ ସଦର ମହକୁମା ସ୍ଥିତ ଲକ୍ଷ୍ମୀନୃସିଂହ ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କୃତ ବିତରଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସରୋଜିନୀ ରାଇକା, ସମିତିସଭ୍ୟା ସୂଚିତା ଭୂୟାଁ, ମୁଖ୍ୟବକ୍ତା ଭାବେ ବଡ଼ପଦା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ଗମାଙ୍ଗ ଏବଂ ଦୋଘରିଆ ପିଏମ୍‌ଶ୍ରୀ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାର୍କଣ୍ଡ ଶବର ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଜୟ ଗମାଙ୍ଗ ଅତିଥି ଯୋଗ ଦେଇଥିଲେ। ଉତ୍ସବ ନିମନ୍ତେ ୧୫ରୁ ଅଧିକ ପ୍ରତିଯୋଗିତା ହୋଇଥିଲା। ସେଥିରେ କୃତି ୧୨୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ବସନ୍ତ କୁମାର ସିଂ, ଯଶୋବନ୍ତ ରଇତ, ଅଭ୍ୟାନ୍ତ କୁମାର ସିଂ ଓ ମହେନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ଆସିଲେନି ଶିକ୍ଷକ; ଭୋକରେ ଫେରିଲେ ଛାତ୍ରଛାତ୍ରୀ

ଦାରିଙ୍ଗବାଡି,୨୪।୧(ସମିସ): ସ୍କୁଲ ଆସିଲେନି ଶିକ୍ଷକ। ବହୁ ସମୟ ଧରି ସ୍କୁଲ ପିଣ୍ଡାରେ ଛାତ୍ରଛାତ୍ରୀ ଶିକ୍ଷକଙ୍କୁ ଅପେକ୍ଷା କରି ମଧ୍ୟାହ୍ନ ଭୋଜନ ନପାଇ ଭୋକରେ ଘରକୁ ଫେରିଗଲେ। ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସିମନବାଡ଼ି ପଞ୍ଚାୟତ ଡକରବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଡକରବାଡ଼ି ସ୍କୁଲରେ ପ୍ରଥମରୁ ଷଷ୍ଠ ଶ୍ରେଣୀରେ ପ୍ରାୟ ୬୫ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ୫ ଜଣ ଶିକ୍ଷକ ଅଛନ୍ତି। ବର୍ତ୍ତମାନ ଶୀତ ଦିନ ଥିବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶନିବାର ଦିନ ସକାଳୁଆ ବଦଳରେ ୧୦ଟାରୁ ୪ଟା ପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ଅନୁଯାୟୀ ସ୍କୁଲ ଖୋଲା ହେଉଛି। ହେଲେ ଶନିବାର ଦିନ କେହି ଶିକ୍ଷକ ଆସିନଥିଲେ। ସ୍କୁଲରେ ତାଲା ପଡ଼ିଥିଲା। ପିଲାଏ ଆସି ଅନେକ ସମୟ ଅପେକ୍ଷା କରିବା ପରେ ଭୋକରେ ଘରକୁ ଫେରି ଯାଇଥିଲେ। ଖାଲି ଏହି ଗୋଟିଏ ଦିନ ନୁହେଁ, ଉକ୍ତ ସ୍କୁଲକୁ ଅନେକ ସମୟରେ ଶିକ୍ଷକ ଠିକ୍ ସମୟରେ ଆସୁନଥିବା ଅଭିଯୋଗ ହେଉଛି। ଏଥିଯୋଗୁଁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ବିଭାଗୀୟ ଅଧିକାରୀ ସଠିକ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ସିଆରସିସି ଶିବ ଶଙ୍କର ସାହୁଙ୍କୁ ପଚାରିବାରୁ ଆଜି ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିବା କଥା ସତ। ଏନେଇ ସେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏବିଇଓ ବନମାଳୀ ମାଝୀଙ୍କୁ ସୂଚନା ଦେଇଛନ୍ତି। ପ୍ରଧାନଶିକ୍ଷକଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନାହିଁ ବୋଲି କହିଛନ୍ତି। ଏନେଇ ବିଇଓ ମହେଶ୍ୱର ମାଝୀଙ୍କୁ ପଚାରିବାରୁ ଏ ବିଷୟରେ ଜାଣିନାହାନ୍ତି, ସିଆରସିସିଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବି ବୋଲି କହିଥିଲେ।

## ବସନ୍ତ ଦାଶଙ୍କୁ ଜିଲ୍ଲା ବିଜେଡିର ଶ୍ରଦ୍ଧାଞ୍ଜଳି



ପାରଳାଖେମୁଣ୍ଡି,୨୪।୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ ନେତା ସ୍ୱର୍ଗତ ବସନ୍ତ କୁମାର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦର ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ୱାଇ.ରାମଚନ୍ଦ୍ର ରାଓ, ଆରଏମସି ସଭାପତି ଏସ୍.ଗଜପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବି.ସାୟାମ୍ମା, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମୀ ମଣ୍ଡଳ, କାଶୀନଗର ଏନଏସିର ଉପାଧ୍ୟକ୍ଷ ରଘୁରାମ ସାହୁ, ବରିଷ୍ଠ ବିଜେଡି ନେତାଙ୍କ ସହ ବହୁନେତା ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରଦ୍ଧାଞ୍ଜଳି ସହ ତାଙ୍କର ତ୍ୟାଗ ଓ ଦଳୀୟ ସେବା ମନୋଭାବର ସ୍ମୃତିଚାରଣ କରିଥିଲେ।

ଜିଲ୍ଲାରେ ବିଜେଡିକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେଥିପାଇଁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ୩ ଥର ଜିଲ୍ଲା ସଭାପତି ଭାବେ ଚୟନ କରିଥିଲେ। ଏହା ସହ ରାଜ୍ୟ ସମ୍ପାଦକ ଭାବେ ମଧ୍ୟ ଦାୟିତ୍ୱ ଦେଇଥିଲେ। ତାଙ୍କର ପରଲୋକରେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ତ୍ତା ମାଧ୍ୟମରେ ଶୋକ ପ୍ରକାଶ କରିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ପ୍ରତିନିଧିଙ୍କ ସମେତ ପାରଳାଖେମୁଣ୍ଡି ପୌରପରିଷଦର କାଉନସିଲର, ବିଭିନ୍ନ ବ୍ଲକର ବିଜେଡି ସଭାପତି, ନେତା ଓ କର୍ମୀ ଯୋଗ ଦେଇଥିଲେ।

### ସମସ୍ୟାଘେରରେ ଚାନ୍ଦିପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ପାଚେରି କି ଶୌଚାଳୟ ନାହିଁ; ହୀନସ୍ତା ହେଉଛନ୍ତି ଛାତ୍ରଛାତ୍ରୀ

ମୋହନା,୨୪।୧(ସମିସ)





ଗଜପତି ଜିଲ୍ଲା ମୋହନା ଗୋଷ୍ଠୀ ଶିକ୍ଷା ଅଧୀନରେ ଚାନ୍ଦିପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟ ୧୯୬୧ରେ ସ୍ଥାପିତ ହୋଇଥିଲା। ବିଦ୍ୟାଳୟରେ ପାଖାପାଖି ୫ ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୩ ଜଣ ଶିକ୍ଷକ ଏବଂ ୬ ଜଣ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟରେ କାର୍ଯ୍ୟରତ। ବିଦ୍ୟାଳୟ ୨୦୨୩-୨୪ ମସିହାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ସହ ୨୦୨୫ରେ ଗୋଦାବାରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କରିବାକୁ ମଧ୍ୟ ଚିଠି ହୋଇଥିଲା। ହେଲେ ବିଦ୍ୟାଳୟର ଭିତ୍ତିଭୂମି ଠିକ୍ ନ ଥିବା ହେତୁ ତାହା ଏବେ କେବଳ ଚିଠିରେ ହିଁ ରହିଯାଇଛି। ବିଦ୍ୟାଳୟରେ ପାନୀୟଜଳ ଠାରୁ ଆରମ୍ଭ କରି ଶୌଚାଳୟ, ଶ୍ରେଣୀଗୃହ, ରୋଷେଇ ଗୃହ ସହ ପାଚେରି ନିର୍ମାଣ ହୋଇପାରିନାହିଁ। ଏମିତିକି ବିଦ୍ୟାଳୟ ଜାଗାକୁ ଗ୍ରାମର କିଛି ଅସାମାଜିକ ଲୋକ ଜୋରଜବରଦସ୍ତି ଅକ୍ତିଆର କରି ରଖିଛନ୍ତି। ଏହି କାରଣରୁ ବିଦ୍ୟାଳୟ ପାଚେରି ନିର୍ମାଣ ହୋଇପାରୁନି। ଯାହା ଫଳରେ ସରୀସୃପ ଏବଂ ଜୀବଜନ୍ତୁ ବିଦ୍ୟାଳୟକୁ ପଶି ଆସୁଛନ୍ତି। ଛାତ୍ରଛାତ୍ରୀ ଅଧ୍ୟୟନ କରିବା ସମୟରେ ସମସ୍ୟା ଉପୁଜୁଛି। ପାଚେରି ଓ ଶୌଚାଳୟ ନ ଥିବା ହେତୁ ବାଧ ହୋଇ ଛାତ୍ରଛାତ୍ରୀ ବିଦ୍ୟାଳୟ ବାହାରକୁ ଯାଇ ଶୌଚ କରିବାକୁ ବାଧ ହେଉଛନ୍ତି। ଏହା ଶିକ୍ଷକଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। କିଛି ଅସାମାଜିକ ଯୁବକ ବିଦ୍ୟାଳୟ ନିକଟରେ ରହି ଶୈକ୍ଷିକ ବାତାବରଣ ନଷ୍ଟ କରୁଛନ୍ତି। ଯାହାକୁ ନେଇ ଏକ ପ୍ରକାର ଭୟରେ ରହୁଛନ୍ତି ଛାତ୍ରୀ।

ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା ବିଷୟରେ ବହୁବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରି ଆସୁଥିଲେ ବି ସମାଧାନ ହୋଇ ପାରୁ ନଥିବା କହିଛନ୍ତି ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ। ଅତିଶୀଘ୍ର ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଜନ ସାଧାରଣ ଏବଂ ବୁଦ୍ଧିଜୀବୀ।

### ପାଲୁର ଜଙ୍କସନ ଛକରେ ନାହିଁ ସୂଚନା ଫଳକ

# ପୁରୀ ଯାଉଥିବା ପର୍ଯ୍ୟଟକଙ୍କୁ ବାଟବଣା କରୁଛି ଗୁଗୁଲ୍ ମ୍ୟାପ୍

ହୁମ୍ମା,୨୪।୧(ସମିସ):

ଗୁଗୁଲ୍ ମ୍ୟାପ ଦେଖି ପୁରୀ ଯାଉଥିବା ପର୍ଯ୍ୟଟକ ହଟହଟା ହେଉଛନ୍ତି। ଗଞ୍ଜାମ ବ୍ଲକର ପାଲୁର

## ଭସାପୋଲ ନପାଇ ପୁଣି ୫୫ କିମି ଫେରୁଛି ଗାଡ଼ି

ଜଙ୍କସନ -ପାଲୁର ରାଜପଥ ଉପରେ ଅଳ୍ପକିଛି କିଲୋମିଟର ଗଲେ ପୁରୀ ଜିଲ୍ଲା ପଡେ।

ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, କେରଳ, ପଣ୍ଡିଚେରୀ, ଗୋଆ ରାଜ୍ୟରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ପୁରୀ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗୁଗୁଲ୍ ମ୍ୟାପ୍‌ର ବ୍ୟବହାର କରି ଆସିଥାନ୍ତି। ଗୁଗୁଲ୍ ମ୍ୟାପ ଦେଖାଉଥିବା ସର୍ଟକର୍ଟ ରାସ୍ତା ପାଲୁର ଜଙ୍କସନ-ପାଲୁର ରାସ୍ତା ଦେଇ ଯାଇଥାନ୍ତି। ଜଙ୍କସନ ଠାରୁ ପୁରୀ ମାତ୍ର ୧୧୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡ଼ିବ। ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱରମ୍ ରାସ୍ତା ଦେଇ ଗଲେ ଦୁଇ ଗୁଣା ରାସ୍ତା ଦେଇ ଯିବାକୁ ପଡ଼ିବ। ସେଥିପାଇଁ ପାଲୁର ଜଙ୍କସନ ରାସ୍ତା ଦେଇ ଯାଇଥାନ୍ତି ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ। ପାଲୁର ଜଙ୍କସନ ଠାରୁ ୫୫ କିଲୋମିଟର ଅତିକ୍ରମ କରିଲା ପରେ ଜହ୍ନିକୁଦା ପଡ଼େ। ସେଠାରୁ ପୁଣି ୫ କିଲୋମିଟର ସାତପଡ଼ା ସମୁଦ୍ର ମୁହାଣ ନିକଟ ଚିଲିକା ଜଳପଥ ଦେଇ ଭାସାଲ ଓ ଘାଟଡ଼ଙ୍ଗା ସାହାର୍ଯ୍ୟରେ ସାତପଡ଼ା ଯିବାକୁ ପଡ଼େ। ତାପରେ ସାତପଡ଼ା ଠାରୁ ୫୫ କିଲୋମିଟର ଗଲେ ସିଧାସଳଖ ପୁରୀ।

ହେଲେ ସମସ୍ୟା ହୁଏ ସନ୍ଧ୍ୟା ସମୟରେ। ସନ୍ଧ୍ୟା ସମୟରେ ଚିଲିକା ମଧ୍ୟରେ କୌଣସି ଭାସାଲ (ଭସାପୋଲ) କିମ୍ବା ଘାଟ ଡ଼ଙ୍ଗା ନଥାଏ। ସେମାନେ ସନ୍ଧ୍ୟା ସମୟରେ ଗୁଗୁଲ୍ ମ୍ୟାପ ଦେଖି ପାଲୁର ଜଙ୍କସନ ଠାରୁ ୫୫ କିଲୋମିଟର ଅତିକ୍ରମ କରିଲା ପରେ ଭସାପୋଲ କିମ୍ବା ଡ଼ଙ୍ଗା ନପାଇ ୫୫ କିଲୋମିଟର ପଛକୁ ପୁଣି ଫେରିଥାନ୍ତି। ନୂଆକରି ଆସିଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ନିଜର ପରିବାର ସହିତ କାର ଯୋଗେ ଆସି ହୀନସ୍ତା ହୋଇଥାନ୍ତି। ସନ୍ଧ୍ୟା କିମ୍ବା ରାତି ସମୟରେ ସେମାନେ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ କରିଛନ୍ତି। ପାଲୁର ଜଙ୍କସନ ଛକଠାରେ ସୂଚନା ଫଳକ ମାଧ୍ୟମରେ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇ ନାହିଁ। ଗଞ୍ଜାମ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ପର୍ଯ୍ୟଟକ ଓ ଭକ୍ତ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ପାଲୁର ଜଙ୍କସନ ଛକ ନିକଟରେ ସୂଚନା ଫଳକ ବୋଡର୍ ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଅବ୍ୟବସ୍ଥା ଘେରରେ ଟିକାବାଲି ହାଟ

## ଖବର ପ୍ରକାଶ ପରେ ବି ଚେତୁନି ଆରଏମ୍‌ସି ପ୍ରଶାସନ



ଟିକାବାଲି,୨୪।୧(ସମିସ): କନ୍ଧମାଳ ଜିଲ୍ଲାର ବୃହତ ବାଣିଜ୍ୟିକ ପେଣ୍ଠସ୍ଥଳ ଟିକାବାଲି ସାପ୍ତାହିକ ହାଟ ଏବେ ଅବ୍ୟବସ୍ଥାର ଚରମ ସୀମାରେ। ହଜାର ହଜାର ଲୋକଙ୍କ ଜୀବନଜୀବିକା ସହ ଜଡ଼ିତ ଏହି ହାଟର ଦୂରାବସ୍ଥାକୁ ନେଇ ଅନେକ ଥର ବିଭିନ୍ନ ଖବରକାଗଜରେ ରିପୋର୍ଟ ପ୍ରକାଶ ପାଇଥିଲେ ମଧ୍ୟ ସ୍ଥାନୀୟ ଆରଏମ୍‌ସି ପ୍ରଶାସନର ଦେହସୁହା ହୋଇଗଲାଣି। ପ୍ରଶାସନର ଏଭଳି ନୀତି ଓ ନିଷ୍କ୍ରିୟତା ଯୋଗୁ ଏବେ ବେପାରୀ ଓ ଗ୍ରାହକ ଅତିଷ୍ଠ ହୋଇପଡ଼ିଛନ୍ତି। ହାଟରେ ପ୍ରବଳ ଭିଡ ବେଳେ ବେପାରୀମାନେ ବସିବାକୁ ସର୍ବନିମ୍ନ ସୁବିଧା ପାଉନାହାନ୍ତି। ହାଟ ପାଇଁ ଉଦ୍ଦିଷ୍ଟ ଜାଗାର ଅଧାରୁ ଅଧିକ ଅଂଶ ଏବେ ଘଞ୍ଚ ଜଙ୍ଗଲ ଓ ଲଟାବୁଦାରେ ଭର୍ତ୍ତି ହୋଇ ରହିଥିବା ବେଳେ ବାକି ଅଂଶରେ ଅଳିଆ ଆବର୍ଜନାର ପାହାଡ଼ ଗଦା ହୋଇଛି। ଆରଏମ୍‌ସି କର୍ତ୍ତୃପକ୍ଷ କେବଳ ଟିକସ ଆଦାୟ କରି ଚାଲିଯାଉଛନ୍ତି। ଅଧିକ ଟିକସ ଦେବା ଭୟରେ ଏବଂ ହାଟ ଭିତରେ ଉପଯୁକ୍ତ ସ୍ଥାନ ଅଭାବରୁ ବେପାରୀମାନେ ବାଧ୍ୟ ହୋଇ ରାସ୍ତା କଡ଼ରେ ପସରା ମେଲାଉଛନ୍ତି। ବେପାରୀ ରାସ୍ତା କଡ଼ ମାଡ଼ି ବସୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାତି ୮ଟା ପର୍ଯ୍ୟନ୍ତ ହାଟ ଚାଲୁଥିଲେ ମଧ୍ୟ ଏଠାରେ ନା ଅଛି ଲାଇଟ୍ ବ୍ୟବସ୍ଥା ନା ଅଛି ପାନୀୟ ଜଳ। ସବୁଠାରୁ ବଡ଼ ସମସ୍ୟା ହେଉଛି ଶୌଚାଳୟର ଅଭାବ। ପରିସ୍ରାଗାର ନଥିବାରୁ ହାଟକୁ ଆସୁଥିବା ଶହ ଶହ ଗ୍ରାହକ ଓ ବେପାରୀ ଗାଇଗୋରୁଙ୍କ ଭଳି ଏଣେତେଣେ ପରିସ୍ରା କରୁଛନ୍ତି। ଲୋକଙ୍କ ମୌଳିକ ସୁବିଧାକୁ ଜଳାଞ୍ଜଳି ଦେଇ ଶୋଇ ରହିଥିବା ଆରଏମ୍‌ସି ପ୍ରଶାସନ ବିରୋଧରେ ଏବେ ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ପରେ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରା ନଭାଙ୍ଗିବା ପ୍ରଶାସନର ସ୍ଥାଣୁତାକୁ ପ୍ରମାଣିତ କରୁଛି। ତୁରନ୍ତ ଏହାର ସମାଧାନ କରା ନଗଲେ, ବେପାରୀମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

● ଯୁବତୀଙ୍କୁ ଦୁଷ୍କର୍ମ ଓ ଧମକ ମାମଲା

## ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୪।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟ ତଥା ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରାକୋର୍ଟ ଜନୈକ ଯୁବତୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଧମକ ଦେବା ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୨ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ଜଜ୍ ନିଜ ରାୟରେ ଅଭିଯୁକ୍ତ ବି.ସିଙ୍ଗପୁର ଥାନା ଟେଙ୍କର ଗ୍ରାମର ଅଭିଯୁକ୍ତ ଜଗତ ହରିଜନ (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ନାମରେ ଦୁଷ୍କର୍ମ, ଜୀବନରେ ମାରିବାକୁ ଧମକଚମକ ସମେତ ୩ ଟି ଦଫାରେ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୮ ମାସ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ସେ ରାୟରେ ପ୍ରକାଶ କରିଛନ୍ତି। ମାମଲା ଅନୁଯାୟୀ, ଗତ ୨୦୧୯ ମସିହାରେ ନଭେମ୍ବର ୧୯ ତାରିଖ ପୂର୍ବାହ୍ନ ୯ଟା ସମୟରେ ଉକ୍ତ ଗ୍ରାମର ଜନୈକା ଯୁବତୀ ନିଜର ଚାଷଜମିକୁ ଯାଉଥିବା ବେଳେ ଅଭିଯୁକ୍ତ ତାଙ୍କୁ ପଛପଟରୁ ଆସି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ବିରୋଧ କରିବାରୁ ଯୁବତୀଙ୍କୁ ଜୋରଜବରଦସ୍ତ ନିକଟସ୍ଥ ଏକ କାଜୁ ବଗିଚାକୁ ନେଇ ଦୁଷ୍କର୍ମ କରିଥିଲା। ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କରିଲେ ଜୀବନରେ ମାରିଦେବା ନେଇ ଧମକଚମକ ଦେଇଥିଲେ। ଏନେଇ ଯୁବତୀ ଏବଂ ତାଙ୍କ ପରିବାର ସ୍ଥାନୀୟ ବି.ସିଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ଏକ ମାମଲା (୯୫/୧୯) ରୁଜୁ କରିଥିଲା। ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା ବୋଲି ସରକାର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସୁରେଶ କୁମାର ହଡପ ପ୍ରକାଶ କରିଛନ୍ତି।

### କବିସୂର୍ଯ୍ୟଙ୍କ ଜୟନ୍ତୀ ମହୋତ୍ସବ

## ସାହିତ୍ୟ କୃତୀକୁ ୟୁନେସ୍କୋରେ ସ୍ଥାନିତ ଦାବି



ଦିଗପହଣ୍ଡି,୨୪।୧(ସମିସ): ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ବଜାର ଗାନ୍ଧୀ ଛକ ଠାରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ଆଇନଜୀବୀ ଅଶେଷ ନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇନଜୀବୀ ହରପ୍ରସାଦ ରଥ ସଂଯୋଜନା କରିଥିଲେ। ଐତିହାସିକ ତଥା ଗବେଷକ ଡ଼ଃ. ଅନନ୍ତରାମ କର, ସୁସାହିତ୍ୟିକ ଡ଼ଃ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ଆଇଏଏସ୍ ଡ଼ଃ. ବାଳକୃଷ୍ଣ ପଣ୍ଡା, ଗୋପାଳପୁର ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ. ରାଜେନ୍ଦ୍ର କୁମାର ମହାପାତ୍ର, ଚିକିଟି ମହାବିଦ୍ୟାଳୟର ଅଧ୍ୟାପକ ଡ଼ଃ. ସଞ୍ଜୟ କୁମାର ପଣ୍ଡା, ବଡଖେମୁଣ୍ଡି ରାଜପୁତ୍ର ସିଦ୍ଧାନ୍ତ ଗଙ୍ଗଦେବ, ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ବିଶିଷ୍ଟ ଲୋକକଳା ବିଶେଷଜ୍ଞ ସନ୍ତୋଷ କୁମାର ପାଢ଼ୀ, ଚିତ୍ରଶିଳ୍ପୀ ଅମର ନାୟକ, ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ମୁଖ୍ୟ ପରିଚାଳକ ଆଲୋକ ବିଷୋୟୀ, ଶିକ୍ଷାବିତ୍ ବିଜୟ ପଣ୍ଡା, ଉପାଧ୍ୟକ୍ଷା ପ୍ରତିନିଧି କେ. କୁନା, କାଉନସିଲର ଦୀପକ ମିଶ୍ର, ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ସରପଞ୍ଚ ମନୋରଞ୍ଜନ ଗୌଡ଼, ପୂର୍ବତନ ସରପଞ୍ଚ ବିଦ୍ୟାଧର ମହାପାତ୍ର, କବି ବୃନ୍ଦାବନ ପଣ୍ଡା, ପରିଷଦର କାର୍ଯ୍ୟକର୍ତ୍ତା ରାଧାକାନ୍ତ ମହାକୁଡ, ଚିତ୍ରସେନ ଗୌଡ଼, ସନ୍ତୋଷ କୁମାର ସେଠୀ, ସନ୍ତୋଷ କୁମାର ପାତ୍ର, ଉଜ୍ଜଳ ମହାନ୍ତି, କେ. ସଞ୍ଜୀବ କୁମାର ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ତତ୍କାଳୀନ ବଡଖେମୁଣ୍ଡି ରାଜ୍ୟର ବିଜୟନଗର ଗଡରେ ଜନ୍ମିତ କବିସୂର୍ଯ୍ୟ ବଳଦେବଙ୍କ ଜୀବନୀ, ରଚନାବଳୀ ସାହିତ୍ୟକୃତିକୁ ୟୁନେସ୍କୋରେ ସ୍ଥାନିତ ପାଇଁ ସଭାରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀ ଛାତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମୃତି ପରିଷଦ ସମ୍ପାଦକ ଆଇନଜୀବୀ କୁରେଶୁ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସାମ୍ବାଦିକ ଗୋପାଳକୃଷ୍ଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋକ ବିଷୋୟୀ, ନାଟ୍ୟଶ୍ରୀ ପ୍ରଦୀପ କୁମାର ରଥ ଏବଂ ନୃତ୍ୟ ପ୍ରଶିକ୍ଷକ ସୁନିଲ ସେଠୀଙ୍କ ସଂଯୋଜନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାଚୀନ ବନବାଦ୍ୟ ଡୁମ୍ପା, ଓଡ଼ିଶୀ ନୃତ୍ୟ ଏବଂ ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ। ଆଦିକନ୍ଦ ସାହୁ, ତାରାପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ଜେନା, ନିରୁପମା ପଟ୍ଟନାୟକ, ଶ୍ୟାମ ସୁନ୍ଦର ଦୋରା, ବିଜୟ କୁମାର ପ୍ରଧାନ, କାଳୁଚରଣ ପାଣିଗ୍ରାହୀ, ଆଇନଜୀବୀ ପରେଶ ଚନ୍ଦ୍ର ରଥ, ମନୋରଞ୍ଜନ ପଣ୍ଡା, ସୀମାଞ୍ଚଳ କର, ବିନାୟକ ଦାସ, ସୀମାଞ୍ଚଳ ପଣ୍ଡା, ସନ୍ତୋଷ କୁମାର ସାହୁ, ଗୁଣ୍ଡିଚା ପାଇକଙ୍କ ସମେତ ଆଖପାଖ ଅଞ୍ଚଳର ସହସ୍ରାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## କୁକୁଡାଗାଲିରେ ଚଢ଼ଉ; ୫ ଗିରଫ

ଡାବୁଗାଁ, ୨୪।୧(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଜଟାବାଲ ଗ୍ରାମ ନିକଟରେ କୁକୁଡାଗାଲି ଖେଳ ଉପରେ ଶୁକ୍ରବାର ସନ୍ଧ୍ୟାରେ ଚଢଉ କରି ଡାବୁଗାଁ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ଜଟାବାଲ ଗ୍ରାମ ନିକଟରେ ଥିବା ବାଉଁଶବାଡିଠାରେ କୁକୁଡାଗାଲି ଖେଳ ଚାଲିଥିବା ଡାବୁଗାଁ ପୁଲିସ ଖବରପାଇ ଚଢ଼ଉ କରିଥିଲା। ଚଢ଼ଉ ବେଳେ ୫ ଜଣ ପୁଲିସ ହାତରେ ଧରା ପଡ଼ିଥିଲେ। ସେମାନଙ୍କ ନିକଟରୁ କୁକୁଡା ଗାଲି ଖେଳରେ ବ୍ୟବହୃତ ସାମଗ୍ରୀ ୨ ଟି ଛୁରୀ, ୧ ଟି ମୃତ କୁକୁଡା ଓ ୫୨୦୦ ଟଙ୍କା ଜବତ କରାଯାଇଛି। ଗିରଫ ୫ ଅଭ୍ୟୁକ୍ତ ହେଲେ ଜଟାବାଲ ଗ୍ରାମର ଆଦିବାସୀଗୁଡାର ବିଦ୍ୟା ହରିଜନ (୬୦), କମୁଲୁ ହରିଜନ (୪୮), ସୁରେନ୍ଦ୍ର ହରିଜନ (୫୦), ଗାବ୍ରିଏଲ ହରିଜନ (୩୭) ଓ ଜଗଦୀଶ ହରିଜନ (୪୫)। ସମସ୍ତ ଅଭିଯୁକ୍ତଙ୍କୁ ଥାନାରେ ନୋଟିସ ଦେଇ ଛାଡି ଦିଆଯାଇଛି। ଉକ୍ତ ଚଢ଼ଉରେ ଥାନା ସବ୍‌ଇନିସ୍ପେକ୍ଟର ବିକ୍ରମ କିଶୋର ସାହୁ, ପ୍ରବେଶନ ସବଇନିସ୍ପେକ୍ଟର ଦଣ୍ଡ ଚରଣ ସେଠୀ, ଏଏସଆଇ ଚନ୍ଦ୍ରଶେଖର ହଜାରୀ ଓ ପୁଲିସ କର୍ମଚାରୀମାନେ ସାମିଲ ଥିଲେ। ଏନେଇ ଥାନାରେ ଏକ ମାମଲା (୨୩/୨୬) ରୁଜୁ କରାଯାଇଛି।

ପୁଲିସକୁ ଲୁଟେରାଙ୍କ ଚାଲେଞ୍ଜ

## ୩ ଦିନରେ ସହରରେ ୨ ଲୁଟ୍

ଜୟପୁର, ୨୪।୧(ସମିସ): ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଗତ ୨ ମାସରେ ସହରରେ ଗୋଟିଏ ମଧ୍ୟ ଲୁଟ ହୋଇ ନ ଥିବା ନେଇ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବାର ମାତ୍ର ୨ ରୁ ୩ ଦିନ ମଧ୍ୟରେ ଲୁଟେରାମାନେ ପୁଲିସକୁ ଚ୍ୟାଲେଞ୍ଜ କରି ଦୁଇଟି ଲୁଟ କରିଛନ୍ତି। ଗୋଟିଏରେ ଲୁଟେରାମାନେ ସଫଳତା ପାଇଥିବା ବେଳେ ଅନ୍ୟ ଘଟଣାରେ କେବଳ ଲୁଟ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ଶୁକ୍ରବାର ସ୍ଥାନୀୟ ଶ୍ରୀରାମନଗର ନିକଟରେ ଫ୍ଲିପକାର୍ଟର ଡେଲିଭରି ବୟକୁ ରାସ୍ତାରେ ଅଟକାଇ କିଛି ଦୁର୍ବୃତ୍ତ ୧୫ ଶହ ଟଙ୍କା ଲୁଟି ନେଇଥିବା ବେଳେ ଶନିବାର ଜୟନଗରଠାରେ ଜଣେ ବ୍ୟକ୍ତିଙ୍କଠାରୁ ଲୁଟ୍ ଉଦ୍ୟମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଆଜି ଜୟନଗର ଠାରୁ ମତ୍ସ୍ୟ ବିଭାଗର ପାର୍ଶ୍ୱରେ ବାଇପାସ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଅପରାହ୍ନ ସାଢେ ୨ଟା ସମୟରେ ବାବୁଲା ସାହୁ ନାମକ ଜଣେ ବ୍ୟକ୍ତି ଜୟନଗରଠାରୁ ଜୟପୁର ସହରକୁ ଆସୁଥିବା ସମୟର କିଛି ଦୁର୍ବୃତ୍ତ ତାଙ୍କ ବାଇକକୁ ଅଟକାଇ ଫୋନ ମାଗିଥିଲେ। ବାବୁଲା ମନା କରିବାରୁ ସେମାନେ ଛୁରା ଦେଖାଇ ଧମକ ଚମକ ଦେଇ ଫୋନ ଦେବାକୁ ଜୋର ଜବରଦସ୍ତ କରିଥିଲେ। ଉକ୍ତ ସମୟରେ ଉକ୍ତ ରାସ୍ତା ଶିକ୍ଷୟତ୍ରୀ ସୌଦାମିନୀ ତ୍ରିପାଠୀ ଓ ତାଙ୍କ ପୁଅକୁ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ହଠାତ ଗହଳି ଦେଖି ଗାଡି ଅଟକାଇ ଘଟଣା ସମ୍ପର୍କରେ ପଚାରିଥିଲେ। ଦୁର୍ବୃତ୍ତମାନେ ଶିକ୍ଷୟିତ୍ରୀ ଓ ତାଙ୍କ ପୁଅକୁ ପାଲଟା ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେବା ସମୟରେ ସେହି ବାଟଦେଇ ଅନେକ ଗାଡି ଯାତାୟତ ସହ ଗହଳି ହେବାରୁ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ କହିଛନ୍ତି, ଏନେଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇ ଦୁର୍ବୃତମାନଙ୍କୁ ଚିହ୍ନଟ କରାଯାଇଛି। ଅତିଶିଘ୍ର ସେମାନଙ୍କୁ ଗିରଫ କରାଯିବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜୀବନରେ ହାରିବାକୁ ଡରନାହିଁ: ସାଂସଦ




ରଙ୍ଗେଇଲୁଣ୍ଡା,୨୪।୧(ସମିସ): କନିଷି ହାଟ ପିଏମ୍‌ଶ୍ରୀ ବାଲାଜୀ ବିଦ୍ୟାପୀଠ ଖେଳ ପଡିଆରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଆସିକା ସାଂସଦ ଅନିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ମୁଖ୍ୟବକ୍ତା ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେରକେଟା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ଼ ପ୍ରଭାତୀ ମହାପାତ୍ର, ଏସ୍. ଧନଞ୍ଜୟ ମଞ୍ଚାସୀନ ଥିଲେ। ଶିକ୍ଷକ ଚିନ୍ମୟ ପଲେଇ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଜିଲ୍ଲାରେ ୩୯ଟି ପିଏମ ଶ୍ରୀ ବିଦ୍ୟାଳୟର ୨୨ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଜିଲ୍ଲା ଶିକ୍ଷାଧିକାରୀ କହିଥିଲେ। ସବୁବେଳେ ସତ୍ୟ ଓ ଧର୍ମ ପଥରେ ରହିବ, ହାରିବାକୁ ଜୀବନରେ କେବେ ଡରିବ ନାହିଁ, ସବୁ କ୍ଷେତ୍ରରେ କିଛି ଶିଖିବାକୁ ଚେଷ୍ଟା କର ବୋଲି ସାଂସଦ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଛାୟା ସଂସଦ, କ୍ରୀଡ଼ାଙ୍ଗନ, କୌଶଳୀ, ସାହିତ୍ୟ ସୃଜନୀ, ଜିଜ୍ଞାସା, ଦୋକାନ ମେଳା ଭଳି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଏହି ଅବସରରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମ ଚନ୍ଦ୍ର ମହାରଣା, ଜିଲ୍ଲା କ୍ରୀଡା ଅଧିକାରୀ ଭାଗିରଥି ସ୍ୱାଇଁ ଉପସ୍ଥିତ ଥିଲେ।

## ମନୁସେନା ପକ୍ଷରୁ ରକ୍ତଦାନ ଶିବିର



ରଙ୍ଗେଇଲୁଣ୍ଡା,୨୪।୧(ସମିସ): ଚିକିଟି ବ୍ଲକ ଅଧୀନ ଗୋବିନ୍ଦନଗର ସ୍ଥିତ ହନୁମାନ ମନ୍ଦିର ପରିସରରେ ଆଜି ସ୍ୱେଚ୍ଛାସେବୀ ଏମ୍. ସୁରଜ ଏବଂ ପତ୍ନୀ ଏମ୍. ଶୁଭଶ୍ରୀ ପାତ୍ରଙ୍କ ପ୍ରଥମ ବିବାହ ବାର୍ଷିକ ପୂର୍ତ୍ତି ଅବସରରେ ମନୁସେନା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଉପସଭାପତି ତଥା ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ମିନା ଦ୍ୟାନ ସାମନ୍ତରାୟ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଶିବିରରେ ୩୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ଗୋବିନ୍ଦନଗର ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ସମିତିସଭ୍ୟ ମୋହନ ସାହୁ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ସେଠୀ, ସମାଜସେବୀ ଏମ. ମୋହନ, ମନୁସେନାର ଶିବାଜୀ ସାହୁ, ସରୋଜ ସାହୁ, କାଳିଆ ଦାସ, ବାଙ୍କନିଧି ଦାସ, ମନୋରଞ୍ଜନ ସାହୁ, ସରୋଜ ସାହୁ, କୁଶ ସାହୁ, କ୍ରିଷ୍ଣା ପାତ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ରହ୍ମପୁର ବଡ଼ଡାକ୍ତରଖାନା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

**୩୩ ୟୁନିଟ ସଂଗୃହୀତ**

## ନୂତନ ଇନ୍ସପେକ୍ଟରଙ୍କ ପାଇଁ ଚାଲେଞ୍ଜ ହେବ ଅପରାଧ ନିୟନ୍ତ୍ରଣ

### ପୁରୁଣା ଅପରାଧୀଙ୍କ ତାଲିକା ଯାଞ୍ଚ କରୁଛନ୍ତି ନୂଆଁ ଥାନା ଅଧିକାରୀ

ବ୍ରହ୍ମପୁର,୨୪।୧(ସମିସ):

ବର୍ଷ ଆରମ୍ଭରୁ ଗଞ୍ଜାମ ଜିଲ୍ଲାରେ ବହୁ ଅପରାଧିକ ଘଟଣା ଦେଖିବାକୁ ମିଳିଛି। ପୂର୍ବରୁ ପୁଲିସ ଲଗାତାର ଅପରାଧୀଙ୍କୁ ଏନକାଉଣ୍ଟର କରିବା ଫଳରେ ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିବିଶେଷ ଜିଲ୍ଲା ଛାଡ଼ି ଛତ୍ରଭଙ୍ଗ ହେଉଥିଲେ। ହେଲେ ଗତ କିଛିବର୍ଷ ହେଲା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପୁଣି ଅପରାଧୀ ଗୋଷ୍ଠୀ ସକ୍ରିୟ ହୋଇ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ପୁଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି। ପୁଲିସ ବିଭାଗରେ ଥିବା କର୍ମଚାରୀ ଓ ଅଫିସର ଅଭାବର ସୁଯୋଗ ନେଇ ଅପରାଧୀ ଗୋଷ୍ଠୀ ଜିଲ୍ଲାରେ ପୁଣି ସକ୍ରିୟ ହୋଇ ଉଠିଥିବା ଜଳଜଳ ଦେଖାଯାଉଛି।

ଜିଲ୍ଲାରେ ଗତ ଦୁଇବର୍ଷ ମଧ୍ୟରେ ଅପରାଧିକ କାର୍ଯ୍ୟକଳାପର ରେକର୍ଡ ଦେଖିଲେ ହତ୍ୟାକାଣ୍ଡ ଘଟି ବହୁ ଜଣଙ୍କର ଜୀବନ ଯାଇଛି। ସେପଟେ ଗତବର୍ଷ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ବ୍ରହ୍ମପୁର ପୁଲିସ ଅନେକ ରଣନୀତି ଏବଂ ଯୋଜନା ଆପଣାଇଥିଲା। କିଛି ମାତ୍ରାରେ ପୁଲିସ ଅପରାଧୀଙ୍କୁ ସାବାଡ଼ କରିବାରେ ସଫଳ ହୋଇଥିଲେ ମଧ୍ୟ ଅଧିକାଂଶ ହତ୍ୟା, ଲୁଟ, ଚୋରି, ଏବଂ ଠକେଇ ମାମଲାରେ ଅଭିଯୁକ୍ତିଙ୍କୁ ଧରିବାରେ ବିଫଳ ହୋଇଛି। ଏପଟେ ଏବେ ବ୍ରହ୍ମପୁର ପୁଲିସ ଜିଲ୍ଲାର ଦୀର୍ଘବର୍ଷ ଧରି ଥାନା ଦାୟିତ୍ୱ ଓ ଥାନାରେ କର୍ଯ୍ୟରତ ଅଫିସରଙ୍କ ଅନ୍ୟ ଜିଲ୍ଲାକୁ ବଦଳି ହୋଇଛି। କିଛି ଜଣ ବ୍ରହ୍ମପୁର ଓ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ଆଉ କିଛି ଅନ୍ୟ ଜିଲ୍ଲାକୁ ବଦଳି ହୋଇଛନ୍ତି। ନିକଟରେ ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡା, ବଡବଜାର ଥାନା ଅଧିକାରୀ ଥିବା ବାବାଶଙ୍କର ସରାଫ ଓ ମହିଳା ଥାନା ଅଧିକାରୀ ଥିବା ଅହଲ୍ୟା ମହାରଣାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଛି। ଏସଆଇ ସ୍ତରରେ ବଦଳି ହେବା ଫଳରେ ଦୀର୍ଘ ବର୍ଷ ସହ ବ୍ରହ୍ମପୁର ସହରର ଅପରାଧିକ ନିୟନ୍ତ୍ରଣ କରିବାରେ ଜଡ଼ିତ ହେବା ଅଫିସରଙ୍କ ବଦଳି ହୋଇଛି। ସେପଟେ ୫ ଇନ୍ସପେକ୍ଟର ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ନୂତନ ଭାବେ ଆସିଛନ୍ତି। ବର୍ତ୍ତମାନ ସେମାନେ ବ୍ରହ୍ମପୁର ସହର ପାଇଁ ନୂଆଁ। ତେଣୁ ଅପରାଧୀ ଓ ଅପରାଧକୁ ଦମନ କରିବା ଚାଲେଞ୍ଜ ସଦୃଶ। ବୈଦ୍ୟନାଥପୁର ଥାନାର ନୂତନ ଅଧିକାରୀଭାବେ ସୁବ୍ରତ କୁମାର ବେହୁରାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବଡ଼ବଜାର ଥାନା ଅଧିକାରୀ ଭାବେ ଆଶିଷ କୁମାର ସ୍ୱାଇଁଙ୍କୁ ଦାୟିତ୍ୱ ମିଳିଛି। ସେହିପରି ପ୍ରତାପ କୁମାର ଦାଶଙ୍କୁ ଗୋଷାଣୀନୂଆଗାଁ ଥାନା ଅଧିକାରୀ ଭାବେ ନିଯୁକ୍ତି କରାଯାଇଥିବା ବେଳେ ସୁଜତା କଅଁରଙ୍କୁ ମହିଳା ଥାନା ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ଇନ୍ସପେକ୍ଟର ସୌମ୍ୟରଞ୍ଜନ ଜାଲି ଓ ଗାୟତ୍ରୀ ଗନ୍ତାୟତଙ୍କୁ ସାଇବର ଥାନାରେ ନିଯୁକ୍ତି କରାଯାଇଛି। ନୂତନ ଭାବେ ଯୋଗ ଦେଉଥିବା ଇନ୍ସପେକ୍ଟରମାନେ ବର୍ତ୍ତମାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଥାନାର ପୁରୁଣା ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ନିଜ ଅଂଚଳରେ କେତୋଟି ସେନ୍‌ସିଟିଭ୍ ସାହି, ଛକ, କିମ୍ବା ସ୍ଥାନ ରହିଛି ପଚାରିଥିଲେ। ପୁରୁଣା ଅପରାଧୀ କିଏ ପୁଲିସ ତଦନ୍ତରେ କିମ୍ବା ପୁଲିସକୁ ହଇରାଣ କରୁଛି କି। ଥାନା ଅଞ୍ଚଳରେ କେତେ ଅପରାଧୀ ଅଛନ୍ତି। ତନ୍ମଧ୍ୟରୁ କେଉଁମାନେ ଦୁର୍ଦ୍ଦାନ୍ତ ଓ ଲୋକାଲ ଚୋର, ସେ ତାଲିକା ପ୍ରସ୍ତୁତ କରି ରଖିବାକୁ ନୂତନ ଥାନା ଅଧିକାରୀ କହିଛନ୍ତି। ଯଦି କୌଣସି ଅପରାଧୀ ପୁଲିସର କଥା ଶୁଣୁନି ତେବେ ତୁରନ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୁହାଯାଇଛି। ସେପଟେ ପ୍ରତିଦିନ ସହରର କିଛି ଅପରାଧୀଙ୍କୁ ଥାନାକୁ ଡାକି ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ କୁହାଯାଇଛି। ଯଦି କୌଣସି ଅପରାଧିକ ମାମଲାରେ ସମ୍ପୃକ୍ତ ରହିବା ଖବର ଆସେ ତେବେ ତାଙ୍କୁ ଗିରଫ କରାଯିବ ବୋଲି କୁହାଯାଇଛି। ଅପରପକ୍ଷେ ନୂଆ ଅଧିକାରୀଙ୍କୁ ବ୍ରହ୍ମପୁର ସହରରେ ଅପରାଧ ନିୟନ୍ତ୍ରଣ କରିବା ଚ୍ୟାଲେଞ୍ଜ ହେବ ବୋଲି ଆଲୋଚନା ହେଉଛି। ତେବେ ନୂତନ ଥାନା ଅଧିକାରୀମାନେ ଅପରାଧ ଦମନ ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ହିଁ ଦେଖିବାକୁ ବାକି ରହିଲା।

